ବର୍ଷ-୨୪, ସଂଖ୍ୟା-୧୭୬
ଭୁବନେଶ୍ୱର
୨୬ ଜୁଲାଇ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 176
Bhubaneswar
26 July, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଜବ ସର୍ତ୍ତ ରଖିଥିଲେ କାଜୋଲ

# ମୋହନଙ୍କ ସମତୁଲ ବଜେଟ

## ୨.୬୫ ଲକ୍ଷ କୋଟି ଟଙ୍କାର ବଜେଟ

## ସରକାରଙ୍କ ଫୋକସରେ ସାମାଜିକ ସୁରକ୍ଷା କ୍ଷେତ୍ର, ମହିଳା, ସ୍ୱାସ୍ଥ୍ୟ ଓ କୃଷି

**ଭୁବନେଶ୍ୱର,୨୫ା୭(ମହାଭାରତ):** ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଆଜି ନିଜର ପ୍ରଥମ ବାର୍ଷିକ ବଜେଟ୍ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅର୍ଥମନ୍ତ୍ରୀ ଭାବେ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଚଳିତବର୍ଷର ବଜେଟ୍ ଆକାରରେ ୧୫.୨% ବୃଦ୍ଧି ହୋଇଛି। ସରକାରଙ୍କ ଫୋକସରେ ସାମାଜିକ ସୁରକ୍ଷା କ୍ଷେତ୍ର, ମହିଳା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ର ରହିଛି। ବିଜେପି ସରକାର ମୋଟ ବଜେଟର ୧୬.୦୪% ଋଣ ଆଣି ନିଜର ନିର୍ବାଚନୀ ପ୍ରତିଶ୍ରୁତିକୁ ପୂରଣ କରିବେ ବୋଲି ଜଣାପଡ଼ିଛି।

ଆଜି ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆମ ପ୍ରଧାନମନ୍ତ୍ରୀ ୪ଟି ବର୍ଗକୁ ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଗରିବ, ମହିଳା, ଯୁବବର୍ଗ ଓ ଚାଷୀଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ସାମଗ୍ରିକ ବିକାଶ ପ୍ରତି ଆମର ସଂକଳ୍ପ ଯୋଗୁଁ ଓଡ଼ିଶାବାସୀ ଆସ୍ଥା ପ୍ରକଟ କରିଛନ୍ତି। ଓଡ଼ିଆ ଅସ୍ମିତା ହିଁ ଆମର ପରିଚୟ। ମହାପ୍ରଭୁ ଜଗନ୍ନାଥଙ୍କ ବିନା ଓଡ଼ିଆ ଜାତିର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ପ୍ରଥମ କ୍ୟାବିନେଟରେ ଶ୍ରୀମନ୍ଦିର ପାଇଁ ୫ଶହ କୋଟିର କର୍ପସ ପାଣ୍ଠି ହୋଇଛି। ମୋହନ ସରକାର ଚଳିତ ଆର୍ଥିକ ବର୍ଷରେ



ନିଜସ୍ୱ ଟିକସ ଓ ଅଣଟିକସ ବାବଦରେ ୧.୧୮ଲକ୍ଷ କୋଟି ଟଙ୍କା, କେନ୍ଦ୍ରୀୟ ଟିକସରୁ ରାଜ୍ୟଅଂଶ ଓ କେନ୍ଦ୍ରୀୟ ଅନୁଦାନକୁ ମିଶାଇ ମୋଟ ୯୩ହଜାର କୋଟି ଟଙ୍କା, ଋଣ ଓ ଅଗ୍ରୀମର ପୁନଃଭରଣା ବାବଦରେ ୫୦୫କୋଟି ଟଙ୍କା ପାଇବା ଅଟକଳ କରିଛନ୍ତି। ଏହାସହିତ ମୋଟ ବଜେଟ ଅଟକଳର ୧୬.୦୪% ଅର୍ଥାତ ୪୩୪୯୫କୋଟି ଟଙ୍କା ଋଣ ଆଣିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି।

ଏହା ମଧ୍ୟରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧ ଲକ୍ଷ ୫୫ ହଜାର କୋଟି ଟଙ୍କା ରହିଛି ଯାହାକି ୨୦୨୪-୨୫ ଆର୍ଥିକ ବର୍ଷର ବଜେଟର ୫୮ ପ୍ରତିଶତ। ସେହିପରି ପୁଁଜି ବ୍ୟୟ ବାବଦକୁ ୫୮ ହଜାର ୧୯୫ କୋଟି ଟଙ୍କା ପ୍ରସ୍ତାବିତ ଅଛି। ପ୍ରଶାସନିକ ବ୍ୟୟ ପାଇଁ ୯୭ ହଜାର ୭୨୫ କୋଟି ଟଙ୍କା ବରାଦ କରାଯାଇଛି। ତାହା ମଧ୍ୟରେ ଦରମା ପାଇଁ ୩୨ ହଜାର ୫୭୧ କୋଟି ଟଙ୍କା, ପେନସନ୍ ପାଇଁ ୨୨ ହଜାର ୫୯୧ କୋଟି ଟଙ୍କା, ସୁଧ ଦେୟ ବାବଦକୁ ୫,୫୦୦ କୋଟି ଟଙ୍କା ଏବଂ ପୁଁଜି ସମ୍ପତିର ରକ୍ଷଣା ବେକ୍ଷଣା ପାଇଁ ୬,୮୨୨ କୋଟି ଟଙ୍କା ରହିଛି। ଏହା ବ୍ୟତୀତ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ପାଇଁ ବ୍ୟୟ ବରାଦର ପରିମାଣ ୩,୯୦୦ କୋଟି ଟଙ୍କା ରଖାଯାଇଛି। ରାଜ୍ୟର ଗ୍ରାମୀଣ ଓ ସହରାଂଚଳର ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କ ପାଇଁ ୩,୮୦୪ କୋଟି ଟଙ୍କା ଏବଂ ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପ୍ରାୟ ୪,୪୪୯ କୋଟି ଟଙ୍କା ହସ୍ତାନ୍ତର କରିବାକୁ ପ୍ରସ୍ତାବ ରହିଛି।

## ବଜେଟ୍‌ର ମୁଖ୍ୟାଂଶ

- ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରିକଳ୍ପନା ଜରୁରୀ
- ଶ୍ରୀମନ୍ଦିର ପାଇଁ ୫ଶହ କୋଟିର କର୍ପସ ପାଣ୍ଠି
- ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର କର୍ପସ ଫଣ୍ଡ
- କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣାଯିବ
- ରାଜ୍ୟରେ ଆସିବ ନୂଆ ରାଜ୍ୟ ସମବାୟ ନୀତି
- ମହାନଦୀ ନବୀକରଣ ପାଇଁ ବୈଷୟିକ କମିଟି
- ଜଳ ସମ୍ପଦ ବିଭାଗ ନିମନ୍ତେ ବ୍ୟୟବରାଦ ୨୫% ବୃଦ୍ଧି
- ଅନାଥ ଶିଶୁଙ୍କ ପାଇଁ ନୂଆ ଯୋଜନା 'ଯଶୋଦା'
- ୫୦୦ ଗାଁକୁ ଆଦର୍ଶ ଗାଁରେ ପରିଣତ କରାଯିବ
- ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ
- କଟକ ଏସ୍‌ସିବି ପାଇଁ ୧ ହଜାର କୋଟି
- ସ୍କୁଲରେ ଡ୍ରପ୍ ଆଉଟ ରୋକିବାକୁ 'ମାଧୋ ସିଂହ ହାତ ଖର୍ଚ୍ଚ'
- ଭୁବନେଶ୍ୱରରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ଷ୍ଟାଡିୟମ
- ନିମ୍ନ ଆୟକାରୀ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନା
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଜୁଳି ପାଇଁ ସହାୟତା
- ମେକ୍ ଇନ୍ ଓଡ଼ିଶା ନାଁ ବଦଳି ହେଲା ଉତ୍କର୍ଷ ଉତ୍କଳ
- ୨୦୨୯ ସୁଦ୍ଧା ୨.୫ ଲକ୍ଷ କୋଟି ଘରୋଇ ପୁଞ୍ଜି ଲକ୍ଷ୍ୟ

## ସାମାଜିକ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର,୨୫ା୭(ମହାଭାରତ):** ବଜେଟରେ ସମାଜର ସମସ୍ତ ବର୍ଗ ବିଶେଷ କରି ଗରିବ ଓ ଦୁର୍ବଳ ଲୋକଙ୍କୁ ସାମାଜିକ ନ୍ୟାୟ, ସମାନତା ଓ ଅନ୍ତର୍ଭୁକ୍ତିକରଣ ନୀତି ମାଧ୍ୟମରେ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବଜେଟରେ ଚିହ୍ନଟ ହୋଇଥିବା ଯୋଜନାଗୁଡିକର ଟ୍ରାଇବାଲ ସବ-କଂପୋନେଟ ଏବଂ ଏସସି ସବ କଂପୋନେଟ ଅଧୀନରେ ୬୩ହଜାର ୪ଶହ ୫୭ କୋଟି ଟଙ୍କାର ପ୍ରସ୍ତାବ ରହିଛି । ରାଜ୍ୟରେ ଆରମ୍ଭ ହେବ ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ । ୫ବର୍ଷରେ ୫ଶହ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ । ଅନୁସୂଚିତ ଜାତି ସଂପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେବ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା। ପିଏମ-ଅଜୟର ଆଦର୍ଶ ଗ୍ରାମ ଅଧୀନରେ ୮ଶହ୯ଟି ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ପିଏମ ଅଜୟ ଯୋଜନା ପାଇଁ ୨ଶହ ୬୬ କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ଆସନ୍ତା ୩ବର୍ଷ ମଧ୍ୟରେ ଏକ ଲକ୍ଷ ୫୦ହଜାରରୁ ଅଧିକ ଆଦିବାସୀ ପରିବାରର ଅର୍ଥନୈତିକ ପ୍ରଗତି ତଥା ଜୀବନଧାରଣର ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ଶୁଭାରମ୍ଭ ହୋଇଛି । ଏଥିପାଇଁ ୨ଶହ କୋଟି ଟଙ୍କାର ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି। ପିଭିଜିଟି ସମୁଦାୟଙ୍କ ପାଇଁ ଜୀବିକା ସୁଯୋଗ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସହଜଲଭ୍ୟ କରିବା ପାଇଁ ଇପିଇଏଲଆଇପି ପ୍ଲସ କାର୍ଯ୍ୟକ୍ରମ ଅଧୀନରେ ୯୦କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ପ୍ରୋଟେକ୍ସନ ଅଫ୍ ସିଭିଲ ରାଇଟ୍ସ ଆକ୍ଟର ସଫଳ ପ୍ରବର୍ତନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ୧ଶହ ୧୬ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ରହିଛି । ସାମାଜିକ ସୁରକ୍ଷା ପେନସନ ପାଇଁ ବଜେଟରେ ୭ହଜାର ୬ଶହ କୋଟି ବ୍ୟୟବରାଦ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଅଧିକ ବୟସ୍କ ନାଗରିକ ଓ ୮୦ ପ୍ରତିଶତରୁ କମ୍ ହୋଇନଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଉଭୟ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ସାମାଜିକ ସୁରକ୍ଷା ଭତ୍ତାକୁ ୩ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଛି ।

**ସାମାଜିକ ସୁରକ୍ଷା ଭତ୍ତା ୩,୫୦୦ ଟଙ୍କାକୁ ବୃଦ୍ଧି**

ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ୩ଶହ ୨କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସରକାରୀ ପ୍ରତିଷ୍ଠାନ ଓ (ପୃଷ୍ଠା-୮)

## ସମୃଦ୍ଧ କୃଷକ ଯୋଜନା

**ଭୁବନେଶ୍ୱର,୨୫ା୭(ମହାଭାରତ):** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩୩,୯୧୯ କୋଟି ଟଙ୍କାର କୃଷି ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ଗୁରୁତ୍ୱ ଦେଇ ବହୁ ମହତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଘୋଷଣା ଅନୁଯାୟୀ ଚାଷୀଙ୍କ ଠାରୁ କୁଇଂଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣାଯିବ। ଧାର୍ଯ୍ୟ ଏମ୍‌ଏସ୍‌ପିଠାରୁ ୮ଶହ ଟଙ୍କା ଅଧିକ ଦିଆଯିବ। ଚାଷୀମାନଙ୍କ ପାଇଁ ନୂଆ ଯୋଜନା ସିଏମ୍ କିଷାନ ଆସିଛି। ସିଏମ୍ କିଷାନ ଯୋଜନା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୯୩୫ କୋଟି ବ୍ୟୟବରାଦ କରାଯାଇଛି। ବଜେଟରେ ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଘୋଷଣା କରାଯାଇଛି। ସମୃଦ୍ଧ କୃଷକ ଯୋଜନା ପାଇଁ ୫ ହଜାର କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଶ୍ରୀଅନ୍ନ ଅଭିଯାନ ପାଇଁ ୬୪୯ କୋଟି ଘୋଷଣା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଖଣ୍ଡ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବାକୁ ଯୋଜନାରହିଛି। ଆଗାମୀ ବର୍ଷମାନଙ୍କରେ ବ୍ଲକ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଧାନକ୍ରୟ ବ୍ୟସ୍ଥାକୁ ସରଳ କରାଯିବ ଓ କଟନିଛଟନିକୁ ବନ୍ଦ କରାଯାଇ ଆର୍ଦ୍ରତା ପରିମାଣକ ମେସିନ ବ୍ୟବହାର କରାଯିବ। ପିଏମ କିଷାନ ଯୋଜନାରେ ଚାଷୀଙ୍କ ନାଁରେ ଥିବା ଜମିକୁ ଆଧାର ନ କରି ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯାଇଛି । ସିଏମ କିଷାନ ଯୋଜନାରେ ଅତିରିକ୍ତ ଟପଅପ୍ ପ୍ରଦାନ କରିଛୁ ।ଏହି ଯୋଜନାରେ (ପୃଷ୍ଠା-୮)

**୩୩,୯୧୯ କୋଟି ଟଙ୍କାର କୃଷି ବଜେଟ୍**

## କେଉଁ ବିଭାଗକୁ କେତେ

**ଭୁବନେଶ୍ୱର,୨୫ା୭(ମହାଭାରତ):** ବଜେଟ୍‌ରେ ସ୍ୱରାଷ୍ଟ୍ର ବିଭାଗକୁ ସର୍ବମୋଟ ୮,୯୯୪କୋଟି ଟଙ୍କା ବ୍ୟୟବରାଦ ରହିଥିବାବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ୭୩୨ କୋଟି ଦିଆଯାଇଛି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ୧,୭୬୯ କୋଟି, ଆଇନ୍ ବିଭାଗକୁ ୧,୫୯୦ କୋଟି, ଅର୍ଥ ବିଭାଗକୁ ୫୯,୩୧୨ କୋଟି, ବାଣିଜ୍ୟ ବିଭାଗକୁ ୨୦୩କୋଟି, ନିର୍ମାଣ ବିଭାଗକୁ୧୦,୭୫୦କୋଟି ବ୍ୟୟବରାଦ କରାଯାଇଛି। ଓଡ଼ିଶା ବିଧାନସଭା ପାଇଁ ୮୬କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୧,୩୦୮କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ୨୬,୩୯୧ କୋଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗକୁ ୫,୭୫୦କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୨୦,୮୩୭କୋଟି, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗକୁ ୯,୬୦୩ କୋଟି, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ୩୧୮ କୋଟି, କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ୧,୩୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସେହିପରି ଯୋଜନା ଓ ସଂଯୋଜନା ବିଭାଗକୁ ୨,୦୧୮ କୋଟି, ପଂଚାୟତିରାଜ ଓ ପାନିୟଜଳ ବିଭାଗକୁ ୨୬,୪୬୬ କୋଟି, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗକୁ ୩ କୋଟି, ଶିଳ୍ପ ବିଭାଗକୁ ୮୦୮ କୋଟି, ଜଳ ସମ୍ପଦ ବିଭାଗକୁ ୧୩,୨୭୨ କୋଟି, ପରିବହନ ବିଭାଗକୁ ୩,୭୪୨ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ୧,୪୧୮ କୋଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୧୨,୯୨୯କୋଟି, ଇସ୍ପାତ ଓ ଖଣି ବିଭାଗକୁ ୪୫୬ କୋଟି, ସୂଚନା ଓ ଲୋକସମ୍ପର୍କ ବିଭାଗକୁ ୧୫୬ କୋଟି, ଅବକାରୀ ବିଭାଗକୁ ୨୪୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଅପରପକ୍ଷରେ ବିଜ୍ଞାନ ଓ ବୈଷୟିକ ବିଭାଗ ପାଇଁ ୧୨୨ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୯,୪୫୬ କୋଟି, ସଂସଦୀୟ ବ୍ୟାପାର ବିଭାଗକୁ ୮୫କୋଟି, ଶକ୍ତି ବିଭାଗୁ ୩,୩୫୫ କୋଟି, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗକୁ ୨୬୨ କୋଟି, ପର୍ଯ୍ୟଟନ ବିଭାଗକୁ ୮୧୮ କୋଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗକୁ ୧,୮୯୬, ସମବାୟ ବିଭାଗ ପାଇଁ ୨,୧୧୬, ସାଧାରଣ ଉଦ୍ୟୋଗ ବିଭାଗ ପାଇଁ ୧୨, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ୧୫,୧୮୧, ଇଲେକ୍ଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପାଇଁ ୫୦୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପାଇଁ ୩,୪୭୮ କୋଟି, ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ ପାଇଁ ୧,୫୮୩ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ ୭୪୭ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ୭,୭୧ କୋଟି, ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୪,୦୨୩ କୋଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ୪୨୦ କୋଟି ଏବଂ ମିଶନ ଶକ୍ତି ବିଭାଗ ପାଇଁ ୨,୭୬୨ ଟଙ୍କାର ବ୍ୟୟବରାଦ କରାଯାଇଛି।

## ନାରୀ ଶକ୍ତିକୁ ଗୁରୁତ୍ୱ

### ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି

**ଭୁବନେଶ୍ୱର,୨୫ା୭(ମହାଭାରତ):** ବଜେଟରେ ନାରୀ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳାମାନଙ୍କ ସଶକ୍ତିକରଣ ଓ ଗାରିମା ରକ୍ଷା ପାଇଁ ଉଭୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ବିଭାଗ ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଅଟକଳରେ ଥିବା ୬ହଜାର ୨ଶହ ୨୪କୋଟି ଟଙ୍କାକୁ ୩ଗୁଣା ବୃଦ୍ଧି କରାଯାଇ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୭ହଜାର ୯ଶହ ୪୨ କୋଟି ବ୍ୟୟବରାଦ କରାଯାଇଛି ।

ସୁଭଦ୍ରା ଯୋଜନାରେ ବଜେଟରେ ୧୦ହଜାର କୋଟି ବ୍ୟୟବରାଦର ପ୍ରସ୍ତାବ ରହିଛି । ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ବଜେଟରେ ୧ହଜାର ୧ଶହ ୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରସୂତୀ ଓ ଶିଶୁମାନଙ୍କର ଯତ୍ନ ପାଇଁ ନଗଦ ଅର୍ଥ ହସ୍ତାନ୍ତର ନିମନ୍ତେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ମମତା ଯୋଜନା ସହିତ ସଂଯୋଜନ କରାଯିବ। ଏଥିପାଇଁ ୫ଶହ ୨୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପୁଷ୍ଟିସାଧନର ମାନ ବୃଦ୍ଧି କରିବା ପାଇଁ ପୋଷଣ ଅଭିଯାନ (ପୃଷ୍ଠା-୮)

**ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ବିଭାଗ ନିମନ୍ତେ ୧୭,୯୪୨ କୋଟି ବ୍ୟୟବରାଦ**

## ବଦଳିଲା ମୋ ସ୍କୁଲ ଯୋଜନା

**ଭୁବନେଶ୍ୱର,୨୫ା୭(ମହାଭରତ):** ଛାତ୍ରଛାତ୍ରୀ, ଶିକ୍ଷକ, ଭିତ୍ତିଭୂମିର ଗୁଣବତା ଓ ସାମଗ୍ରିକ ଶିକ୍ଷଣ ଅଭିଜ୍ଞତାରେ ଉନ୍ନତି ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ୩୫,୫୩୬ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି।

ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୪-୨୫ରୁ ପିଏମ୍-ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଗ୍ରାମୀଣ ଓ ଅର୍ଦ୍ଧ ସହରାଂଚଳର ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମକ ଏକ ନୂତନ ଯୋଜନାର ପ୍ରସ୍ତାବ ଦେଇଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ ରକାଯାଇଛି। ସେହିପରି ପଂଚସଖା ଶିକ୍ଷା ସେତୁ ଅଭିଯାନ ଯୋଜନାରେ ପୁରାତନ ଛାତ୍ରଛାତ୍ରୀଙ୍କ ଯୋଗଦାନରେ ବିଦ୍ୟାଳୟର ବିକାଶ ପାଇଁ ସରକାରୀ ଅଂଶ ବାବଦକୁ ୩୩୨ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୧୩୯ କୋଟି ଟଙ୍କା ଓ ପିଏମ୍ ପୋଷଣ ପାଇଁ ୯୯୭ କୋଟି ଟଙ୍କା ସାମିଲ ରହିଛି।

ସରକାର ଗଂଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ୪୦୯ କୋଟିର ବ୍ୟବସ୍ଥା କରିଛନ୍ତି। ସେହିପରି ମାଧୋ ସିଂହ ହାତ ଖର୍ଚ୍ଚ ନାମକ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ଅଷ୍ଟମ ବା ଦଶମ ଶ୍ରେଣୀରୁ ଉତୀର୍ଣ୍ଣ ହୋଇଥିବା ଏବଂ ନବମ ଓ ଏକାଦଶ ଶ୍ରେଣୀରେ (ପୃଷ୍ଠା-୮)

**ଶିକ୍ଷା ପାଇଁ ୩୫,୫୩୬ କୋଟି ଟଙ୍କାର ବ୍ୟୟବରାଦ**

## ୨୦୨୭ ସୁଦ୍ଧା ଚାଲିବ ମେଟ୍ରୋ ରେଳ

**ଭୁବନେଶ୍ୱର,୨୫ା୭(ମହାଭାରତ):** ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ମେଟ୍ରୋ ରେଳ ପ୍ରକଳ୍ପ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଏହା ଚଳାଚଳ କରିବ। ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଧିନରେ ୬୨୫୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଜର ବଜେଟ ଅଭିଭାଷଣରେ କହିଛନ୍ତି।

ରାଜ୍ୟ ବଜେଟରେ ଭିତିଭୂମି ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିବା ସହ ମୋଟ ୫୮ ହଜାର ୧୯୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଆଗାମୀ ୫ ବର୍ଷରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ । ରାଜ୍ୟର ଦୁର୍ଗମ ଓ ଅପହଂଚ ଅଂଚଳକୁ ସଡ଼କ ନିର୍ମାଣ କରାଯିବ ଓ ନଦୀ ଓ ଜଳାଶୟ (ପୃଷ୍ଠା-୮)

## ବିଏସ୍‌କେୱାଇ ବଦଳରେ ଗୋପବନ୍ଧୁ

ଭୁବନେଶ୍ୱର,୨୫ା୭(ମହାଭାରତ): ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପାଇଁ ସରକାର ୨୧ ହଜାର ୨ ଶହ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜାଗାରେ ନୂଆ ଯୋଜନା ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ଏହାର ନାଁ ରଖିଛନ୍ତି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନାହେଉଛି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଏ ସଂପର୍କରେ ଆଜି ବଜେଟରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହିତ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି ।ଏହି ବଜେଟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୫ ଶହ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି।

ବିଧାନସଭାରେ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନିର୍ବାଚନ ପୂର୍ବ ଇସ୍ତାହାରରେ ପ୍ରତିଶ୍ରୁତି ଅନୁଯାୟୀ, ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ କ୍ୟାସ୍ ଲେସ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଅରୋଗ୍ୟ ଯୋଜନାରେ କେନ୍ଦ୍ର ସରକାର (ପୃଷ୍ଠା-୮)

**ସ୍ୱାସ୍ଥ୍ୟ ବଜେଟରେ ୨୧ ହଜାର ୨ ଶହ କୋଟି ଟଙ୍କା ବ୍ୟୟବରାଦ**

## କଲ୍ୟାଣକାରୀ ବଜେଟ୍ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୫ା୭(ମହାଭାରତ):** ଓଡ଼ିଶାରେ ବିଜେପି ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ତଥା ୨୦୨୪ - ୨୫ ଆର୍ଥିକ ବର୍ଷ ପାଇଁ ବିକଶିତ ଓଡ଼ିଶା ଗଠନ ଦିଗରେ ୨ ଲକ୍ଷ ୬୫ ହଜାର ୦୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଏହାକୁ ଏକ କଲ୍ୟାଣକାରୀ ବଜେଟ୍ ଭାବରେ ସମ୍ବୋଧନ କରିଛନ୍ତି କେନ୍ଦ୍ରମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଓଡ଼ିଶା ପାଇଁ ପ୍ରାୟ ୧୫ ପ୍ରତିଶତ ଅଧିକ ବଜେଟ୍ ଆଗତ ହୋଇଥିବା ବେଳେ ଏହି ଅର୍ଥ ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ। ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ବେଶ୍ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସବକା ସାଥ୍ ସବକା ବିକାଶ ମନ୍ତ୍ରରେ ସବୁ ବର୍ଗ ବିଶେଷ ଭାବରେ ଗରିବ, ଚାଷୀ, ଯୁବ, ମହିଳା, ପଛୁଆ ବର୍ଗ, ଜନଜାତି ବର୍ଗର ଉନ୍ନତିକୁ ଧ୍ୟାନରେ ରଖି ବଜେଟ୍ ଆଗତ କରାଯିବା ସହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦିଆଯାଇଛି ।

## ଡବଲ ଇଞ୍ଜିନ, ଡବଲ ନିରାଶା : ନବୀନ

**ଭୁବନେଶ୍ୱର,୨୫ା୭(ମହାଭାରତ):** ରାଜ୍ୟ ବଜେଟକୁ ନେଇ ଡବଲ ଇଂଜିନ ଡବଲ ନୈରାଶ୍ୟ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ, ଡବଲ୍ ଇଞ୍ଜିନ ସରକାର ଦୁଇଗୁଣ ନିରାଶ କରିଛି। ମୋ ସରକାର ସମୟର ୪୦ଟି ଯୋଜନାର ନାଁ ପରିବର୍ତ୍ତନ କରାଯାଇଛି। କେଉଁ କେଉଁ ଯୋଜନାର ନାମ ବଦଳାଯାଇଛି ପରେ କହିବି। ଅନୁଶୀଳନ ପରେ ବିସ୍ତୃତ ପ୍ରତିକ୍ରିୟା ରଖିବି ବୋଲି କହିଛନ୍ତି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ।ବିଜେଡିର ବରିଷ୍ଠ ମିଡିଆ ସଂଯୋଜକ ପ୍ରତାପ ଜେନା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବଜେଟରେ କିଛି ନୂତନତ୍ୱ ନାହିଁ ଓ ଏହା ନବୀନ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ୪୦ରୁ ଅଧିକ ଲୋକପ୍ରିୟ ଯୋଜନାର କପିପେଷ୍ଟ। କେବଳ ନାମ ପରିବର୍ତ୍ତନ ହୋଇଛି। ବହୁ ପ୍ରଚାରିତ ସୁଭଦ୍ର ଯୋଜନାରେ ରାଜ୍ୟର ସମସ୍ତ ମହିଳା ଲାଭାନ୍ୱିତ ହେବା ଆଶା କ୍ଷୀଣ। କାରଣ ମାତ୍ର ୧୦ହଜାର କୋଟି ଟଙ୍କା ଆବଂଟନ ହୋଇଥିବାରୁ ୨୦ଲକ୍ଷ ମହିଳାଙ୍କୁ ଏହି ସୁବିଧା ମିଳିପାରିବ। ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କ ଭତ୍ତାକୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କେବଳ ୮୦ବର୍ଷ ବୟସରୁ ଅଧିକ ବର୍ଷର ବ୍ୟକ୍ତିଙ୍କ ମାସିକ ପେନସନ୍ ବୃଦ୍ଧି ହୋଇଛି। ଅର୍ଥନୀତିକ ଦୂରଦୃଷ୍ଟି ବଜେଟରେ ଦୃଶ୍ୟମାନ ହୋଇନି। ରୋଜଗାର, ଶିଳ୍ପ, ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି ନିୟନ୍ତ୍ରଣ ଆଦି ବିଷୟରେ ବଜେଟରେ କିଛି ନାହିଁ। ଡବଲ ଇଞ୍ଜିନ ସରକାରର ଏହି ବଜେଟ୍ ରାଜ୍ୟବାସୀଙ୍କୁ ଡବଲ ନିରାଶ କରିଛି ବୋଲି ବିଜେଡି କହିଛି।

# 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



ଖବର

# ବିବାହବେଳେ ଅଜବ ସର୍ତ୍ତ ରଖିଥିଲେ କାଜୋଲ



ବଲିଉଡ୍ର ଲୋକପ୍ରିୟ ଦମ୍ପତିଙ୍କ ମଧ୍ୟରୁ ଅଭିନେତା ଅଜୟ ଦେବଗନ୍ ଓ ଅଭିନେତ୍ରୀ କାଜୋଲ ଅନ୍ୟତମ। ବ୍ୟକ୍ତିଗତ ଜୀବନକୁ ନେଇ ଏହି ଷ୍ଟାର ଦମ୍ପତି ଅନେକବାର ଚର୍ଚ୍ଚାରେ ରହିଥାନ୍ତି। ତେବେ ନିଜ ବିବାହକୁ ନେଇ ବୁଧବାର ଏକ ସାକ୍ଷାତ୍କାରରେ କାଜୋଲ ନୂତନ ଖୁଲାସା କରିଛନ୍ତି। ବିବାହ ପାଇଁ ସେ ଅଜୟଙ୍କ ସମ୍ମୁଖରେ ଏକ ଅଜବ ସର୍ତ୍ତ ରଖିଥିବା କହିଛନ୍ତି।ରିଲିଜ୍ ହୋଇଥିବା 'ପ୍ୟାର୍ ତୋ ହୋନା ହି ଥା' ଫିଲ୍ମରେ ଉଭୟେ ଅଜୟ ଓ କାଜୋଲ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।ଏହି ଫିଲ୍ମର ଶୁଟିଂ ଚାଲିଥିବାବେଳେ ଅଜୟ କାଜୋଲଙ୍କୁ ପ୍ରପୋଜ କରିଥିଲେ ଓ ତାଙ୍କ ସହ ବିବାହ କରିବାକୁ ଚାହୁଁଥିବା ନେଇ ଇଚ୍ଛା ପ୍ରକାଶ କରିଥିଲେ। ତେବେ ଅଜୟଙ୍କ ପ୍ରପୋଜକୁ କାଜୋଲ ଏକ ସର୍ତ୍ତରେ ସ୍ୱୀକାର କରିଥିଲେ। ଯଦି 'ପ୍ୟାର୍ ତୋ ହୋନା ହି ଥା' ଫିଲ୍ମ ହିଟ୍ ହୁଏ ତେବେ ଯାଇ ସେ ଏହି ବିବାହ ପାଇଁ ରାଜି ଥିବା କାଜୋଲ କହିଥିଲେ, ଅନ୍ୟଥା ବିବାହ ନେଇ ସେ କେବେ ମଧ୍ୟ ଆଲୋଚନା କରିବେ ନାହିଁ ବୋଲି ଅଜୟଙ୍କୁ ରୋକ୍ଠୋକ୍ ଶୁଣାଇଥିଲେ।ତେବେ ୧୫ ଜୁଲାଇ, ୧୯୯୮ରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ କାଜୋଲ ଓ ଅଜୟଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ରିପୋର୍ଟ ଅନୁଯାୟୀ, ୭.୫୦ କୋଟି ଟଙ୍କା ବଜେଟରେ ନିର୍ମିତ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୩୧.୫୫ କୋଟି ଟଙ୍କା ସଂଗ୍ରହକରି ସୁପରହିଟ୍ ହୋଇଥିଲା। ଏହାସହ ବିବାହ ପାଇଁ ଅଜୟଙ୍କ ସମ୍ମୁଖରେ କାଜୋଲ ରଖିଥିବା ସର୍ତ୍ତ ପୂରଣ ହୋଇଥିଲା। ଉଭୟେ ୨୪ ଫେବୃଆରୀ ୧୯୯୯ରେ ବିବାହ କରିଥିଲେ।



# ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ

ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।



ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।

ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।

ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

# ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅପିର୍ବୁଧ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର



ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଲାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନଟେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।



# କେମିତି ଜନ୍ମନେଲେ ରାବଣ ଓ ତା'ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ 'ରାକ୍ଷସ' ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ 'ଯକ୍ଷ' ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ୍ୟ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା। ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବା ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥା କ୍ରୂର ହେବେ । ମୁନିଙ୍କ କଥା ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା। ଆପଣଙ୍କ ଠାରୁ ଦୂରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବା କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

# ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱିକ୍ସାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ୍ୟ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ୍ୟ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ସାମ୍ବାଦିକା ମଧୁମିତାଙ୍କ ଆତ୍ମହତ୍ୟା ମାମଲାରେ ସ୍ୱାମୀ ଗିରଫ

**ଭୁବନେଶ୍ୱର, ୨୫।୭ (ମହାଭାରତ):** ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇଥିବା ସାମ୍ବାଦିକା ମଧୁମିତା ପରିଡ଼ାଙ୍କ ମୃତ୍ୟୁ ମାମଲାରେ ତାଙ୍କ ସ୍ୱାମୀ ଶ୍ରୀଧର ଜେନାଙ୍କୁ ପୁଲିସ୍ ବାନ୍ଧିଛି। ଶ୍ରୀଧରଙ୍କ ବିରୋଧରେ ମୃତ ମଧୁମିତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଭୁବନେଶ୍ୱରର ଧଉଳି ଥାନା ପୁଲିସ ତାଙ୍କୁ ଗିରଫ କରିଛି। ମଧୁମିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଶ୍ରୀଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ତାଙ୍କ ଭାଇଙ୍କୁ ପଚରାଉଚରା କରୁଛି।

ପ୍ରଥମେ ଅଟକ ରଖି ପଚରାଉଚରା କରିବା ପରେ ପୁଲିସ୍ ଶ୍ରୀଧର ଜେନାଙ୍କୁ ଗିରଫ କରିଥିଲା। ମଧୁମିତାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୮୦-ଯୌତୁକ ନିର୍ଯାତନା, ୧୦୮-ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ୧୦୩-ହତ୍ୟାକାଣ୍ଡ ଓ ୩+୫-ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ମାମଲା ରୁଜୁ ହୋଇଛି।

ଭୁବନେଶ୍ୱର ଶିକ୍ଷାଞ୍ଚଳସ୍ଥିତ ଏକ ଓ୍ୱେବ ଚ୍ୟାନେଲରେ କାମ କରୁଥିବା ମଧୁମିତା ଭୁବନେଶ୍ୱରର ସାମନ୍ତପୁରରେ ରହୁଥିବା ଭଞ୍ଜନଗରର ଶ୍ରୀଧରଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ୫ ବର୍ଷର ପ୍ରେମ




ସମ୍ପର୍କ ରହିବା ପରେ ଗତ ମାର୍ଚ୍ଚ ୧ ତାରିଖରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହ ପରେ ମଧ୍ୟ ଶ୍ରୀଧର ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖିଥିବା ମଧୁମିତା ଅଭିଯୋଗ ଆଣିଥିଲେ। ଏଥିସହ ଛାଡ଼ପତ୍ର ଦେଇ ତାଙ୍କ ସ୍ୱାମୀ ଅନ୍ୟ ଜଣଙ୍କୁ ବିବାହ କରିବା ପାଇଁ ଯୋଜନା କରୁଥିବା ମୃତ୍ୟୁ ପୂର୍ବରୁ ଇନଷ୍ଟାରେ ଛାଡ଼ିଥିବା ଭିଡିଓରେ କହିଥିଲେ। ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

ଗତକାଲି ରାତିରେ ମଧୁମିତାଙ୍କ ମୃତଦେହ ବାପୁଜୀ ନଗର ରେଳଧାରଣା ନିକଟରୁ ମୃତଦେହ ଜବତ କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ପତିପତ୍ନୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲାୟ ଏନେଇ ବହୁ ଥର ଉଭୟ ପକ୍ଷ ଖଣ୍ଡଗିରି ଥାନାକୁ ଯାଇଥିବା ବେଳେ ସେଠାରେ ଆପୋଷ ବୁଝାମଣା ହେଉଥିଲା। ସ୍ୱାମୀକୁ ମାଡ଼ ମାରିବେନି, ଅନ୍ୟ ଝିଅ ସହ ସମ୍ପର୍କ ରଖିବେନି ବୋଲି ପୁଲିସ୍ ସମ୍ମୁଖରେ ଲେଖାପା ବି କରିଥିଲେ।

ମାତ୍ର ୨୪ ଘଣ୍ଟା ନ ପୁରୁଣୁ ପୁଣି ଥରେ ଶ୍ରୀଧର ପୁଣି ଥରେ ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖୁଥିବା ମଧୁମିତା ଜାଣିବାକୁ ପାଇଥିଲେ। ଏପରିକି ଶ୍ରୀଧର ତାଙ୍କୁ ନିର୍ଯାତନା ଦେବା ସହ ଛାଡ଼ପତ୍ର ପେପର ଘରେ ରଖିଥିବା ସେ ଦେଖିବାକୁ ପାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିବା ବେଳେ ରାତିରେ ଇନଷ୍ଟାରେ ଶେଷ ଭିଡିଓ ଛାଡ଼ି ମଧୁମିତା ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଥିଲେ।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ଶ୍ରୀଧର ଏୟାରଫୋର୍ସରେ ଚାକିରି କରିଥିବା ବେଳେ ମଧୁମିତା ତାଙ୍କ ଦ୍ୱିତୀୟ ପତ୍ନୀ। ଶ୍ରୀଧର ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କୁ ଛାଡ଼ପତ୍ର ଦେଇ ମଧୁମିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହା ପରେ ବି ତାଙ୍କର ଗାଁର ଜଣେ ଯୁବତୀଙ୍କ ସହ ସମ୍ପର୍କ ଥିବା ବେଳେ ବହୁ ଯୁବତୀଙ୍କ ସହ ସେ ଚାଟିଂ କରୁଥିଲେ। ଏହାକୁ ନେଇ ଉଭୟ ପତିପତ୍ନୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲାୟ ତେଣୁ ଝିଅ ଜୀବନ ହାରିଥିବା ପରିବାର ଲୋକେ କହିଛନ୍ତି। ମାତ୍ର ଶ୍ରୀଧର ନିଜ ଉପରେ ଲାଗିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିସାରିଛନ୍ତି। ସେ କହିଥିଲେ, ଥାନାରେ ଆମ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ଆମେ ଦୁଇ ଜଣ ଆଉ ଝଗଡ଼ା ଲାଗିବୁନି ବୋଲି ନିଷ୍ପତ୍ତି ନେଇଥିଲୁ। ମୁଁ ମୋ ଭାଇଙ୍କୁ ଆଣିବାକୁ ଯାଇଥିଲି। ଭାଇଙ୍କୁ ଆଣି ଫେରିଲା ବେଳେ ଇନଷ୍ଟାରେ ମଧୁମିତାର ଭିଡିଓ ଦେଖି ଭାଇ ମୋତେ ଏ ସମ୍ପର୍କରେ କହିଥିଲା।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅବସର କର୍ମଚାରୀଙ୍କ ଧାରଣା

**ଭୁବନେଶ୍ୱର, ୨୫।୭ (ମହାଭାରତ):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସର ଗ୍ରହଣ କରିଥିବା ଅଫିସର ଓ କର୍ମଚାରୀ ମାନଙ୍କ ଆସୋସିଏସନ୍‌ର ସଭାପତି ମନୋଜ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ଦାଶଙ୍କ ପୌରହିତ୍ୟରେ କର୍ମଚାରୀମାନଙ୍କର ବିଭିନ୍ନ ଦାବି ହାସଲ ପାଇଁ ଏହାର ଗଣ୍ଡମୁଣ୍ଡାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ୮ ଘଂଟିଆ ଶାନ୍ତିପୂର୍ଣ୍ଣ ଧାରଣା ୩୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଦେଇଥିଲେ। ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମ୍‌ଖିଆଲି ନୀତି ପାଇଁ କର୍ମଚାରୀମାନେ ତାଙ୍କର ନ୍ୟାର୍ଯ୍ୟ ଦାବିରୁ ବଂଚିତ ହୋଇଆସୁଛନ୍ତି। ଏହି ସଭାରେ ଅଲ୍ ଇଣ୍ଡିଆ ଇକୋବ୍ୟାଙ୍କ ଏମ୍ପ୍ଲଇଜ୍ ୟୁନିୟନ୍ ତଥା ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେସନ୍ ଓଡ଼ିଶା ୟୁନିଟ୍‌ର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାୟ ଉପସ୍ଥିତ ରହି କର୍ମଚାରୀଙ୍କର ବିଭିନ୍ନ ନାର୍ଯ୍ୟ ଦାବି ଓ ଭାରତୀୟ ବ୍ୟାଙ୍କ ଶିଳ୍ପର ବର୍ତ୍ତମାନ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ଧାରଣାରେ କାର୍ଯ୍ୟକାରୀ ସଭାପତି ସ୍ୱରୂପ କୁମାର ବାସା, ସହସମ୍ପାଦକ ପ୍ରଫୁଲ୍ଲ କୁମାର ଭଞ୍ଜ, ପ୍ରସନ୍ନ କୁମାର



ଗଡ଼ାବଡ୍ଡୁ, ଗଣେଶ ଚନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ଦାସ, ହେମନ୍ତ କୁମାର ପାଣିଗ୍ରାହୀ, ଅନୁପ କୁମାର ଦାସ,ନରେନ୍ଦ୍ର କୁମାର ସାମଲ ଓ ଅଚ୍ୟୁତାନନ୍ଦ ନାୟକ ଇତ୍ୟାଦି ସଂଘର ବିଭିନ୍ନ ୧୭ଟି ଦାବି ବିଷୟରେ ଆଲୋକପାତ କରିଥିଲେ। ଏହି ଦାବିମାନଙ୍କ ମଧ୍ୟରେ ମୁଖ୍ୟ ଦାବି ଯଥା- କର୍ମଚାରୀମାନଙ୍କର କମ୍ପ୍ୟୁଟର ଓ ଷ୍ଟାଗନେଟ୍ ଇନ୍‌କ୍ରିମେଂଟ ଓ ଭବିଷ୍ୟନିଧି ଜମା ପାଣ୍ଠିର ନିର୍ଭୁଲ୍ ଭାବେ ଶୀଘ୍ର ଦେବାକୁ ଓ ଅବସର କର୍ମଚାରୀମାନଙ୍କର ଗ୍ରିଭାନସ୍ ସେଲ୍ ଖୋଲିବା, ପରିଚୟ ପତ୍ର ଦେବା ଓ ମେଡିକାଲ୍ ସୁବିଧା ଦେବାକୁ ଦାବି କରାଯାଇଥିଲା । ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗାନନ୍ଦ ପଟ୍ଟନାୟକ, ନବୀନ କିଶୋର ମହାନ୍ତି, ଦେବଦାସ ମହାନ୍ତି, ବେଣୁଧର ପରିଡ଼ା, ଅକ୍ଷୟ କୁମାର ସାହୁ ଆଦି କର୍ମକର୍ତ୍ତା ଉପସ୍ଥିତ ରହି ସଭା ସୁଚାରୁରୂପେ ପରିଚାଳନା କରିଥିଲେ।

# ପାଚିକା ମହାସଂଘ ତରଫରୁ ୮ଦଫା ଦାବି ନେଇ ବିକ୍ଷୋଭ

**ଭୁବନେଶ୍ୱର, ୨୫।୭ (ମହାଭାରତ):** ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ ସାଧାରଣ ସମ୍ପାଦିକା ଜାନକୀ ମାଝୀ, ସମ୍ପାଦିକା ଚନ୍ଦ୍ରାବତୀ ନାୟକ, କୋଷାଧ୍ୟକ୍ଷା ରଜନୀ କିଷାନ, ଗାୟତ୍ରୀ ନାଗ, ବିଜୟ ପ୍ରସେଟ୍, ଈଶ୍ୱର ନାୟକ, ତପନ ପ୍ରସାଦ ସାହୁ, ରାଧାଶ୍ୟାମ ମହାରଣା, ସୁଜାତା ସ୍ୱାଇଁ, ରିତୁ ପାତ୍ର, ବିନ୍ଦୁ ଦାସ, ସରୋଜିନୀ ମଗର, ରାଜେଶ୍ୱରୀ ମାଝି, ସୀତା ଭୋଇ, ପଙ୍କଜିନୀ ମିର୍ଦ୍ଧା, ସାବିତ୍ରୀ ବଲଓ୍ୱା, ସରୋଜିନୀ ଜେନା, ଦମୟନ୍ତୀ



ଦେହୁରୀ, ବୁଇଲ ନାୟକ, ଦିବ୍ୟସିଂହ ଗଡ଼ତିଆ, ପ୍ରେମଶିଳା ନଇ, ସ୍ୱର୍ଣ୍ଣପ୍ରିୟା ମେହେର ଏବଂ ପ୍ରତ୍ୟେକ ଜିଲ୍ଲାର କର୍ମକର୍ତାମାନେ ନିଜ ନିଜ ବକ୍ତବ୍ୟମାନ ରଖିଥିଲେ। ଆମ୍ଭେ "ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ", ସବିନୟ ଦାବି ଜଣାଉଛି ଏହିକିଯେ, ଆଜକୁ ୨୦ ବର୍ଷ ଧରି ଆମ୍ଭେ ଉକ୍ତ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିଲେ ମଧ୍ୟ ଆପଣଙ୍କ ଦ୍ୱାରା ଦିଆଯାଇଥିବା ପ୍ରାପ୍ୟ ଆମ୍ଭମାନଙ୍କୁ ସମୁଦ୍ରକୁ ଶଙ୍ଖେ ସଦୃଶ । ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକ ଆମ୍ଭମାନଙ୍କର ଦିନସାରା ପରିଶ୍ରମ ପାଇଁ ଟ.୬୬.୬୬ ପଇସା ପଡୁଅଛି । ମାତ୍ର ତାହାକୁ ଆମ୍ଭେ ଠିକ୍ ଭାବେ ପାଉନାହୁଁ । କାରଣ ସରକାର ମାସିକ ଟ.୨୦୦୦/- ଦେଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ । ସୁ-ମଣିଷ ଗଢ଼ିବା ମନ୍ଦିରରେ ଖାଦ୍ୟ ରାନ୍ଧି ଯୋଗାଉଥିବା ଆମ୍ଭ ପାଚକ ସର୍ବନିମ୍ନ ଭୋକ ମେଂଟାଇବାରେ ସକ୍ଷମ ହେଉନାହାଁନ୍ତି। ଆମ୍ଭେ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଟ.୨୭୫/- ଆମ୍ଭ ପାଇଁ ଲାଗୁ କରାଯାଉ। । ଉକ୍ତ ପ୍ରକାରେ ମାସିକ ଟ.୮,୨୫୦/- ଦରମା ଲାଗୁ କରାଯାଉ । ଆମ୍ଭ ସମସ୍ତଙ୍କ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍ କୋର୍ଡ ଲାଗୁ କରାଯାଉ । ଚିକିତ୍ସା ଭତା ସହିତ ଜୀବନ ବୀମାର ସୁବିଧା କରାଯାଉ । ୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ଦିଆଯାଉ । ଆମ୍ଭମାନଙ୍କୁ ବାହାର କରିବାର ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖାଯାଉ । ଆମ୍ଭମାନଙ୍କୁ ଦୈନିକ ମଜୁରୀଆର ସ୍ୱୀକୃତି ଦେଇ, ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯାଉ । ଅବସର ସୀମା ୬୦ ବର୍ଷରୁ ୬୨ ବର୍ଷ କରାଯାଉ । କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଉ ।

# ମୁଖ୍ୟମନ୍ତ୍ରୀଙ୍କୁ ଶିକ୍ଷକ ମାନଙ୍କ ଦାବି ଉପସ୍ଥାପନ କଲା ଏସ୍‌ଟିଏଫ୍‌ଓ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ମହାସଂଘ (ଏସ୍‌ଟିଏଫ୍‌ଓ) ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବହୁଦିନ ଧରି ପଡ଼ି ରହିଥିବା ଅନେକ ଅସମାହିତ ଦାବି ଉପସ୍ଥାପନ କରାଯାଇଛି ବୋଲି ମହାସଂଘର ମୁଖ୍ୟ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

ସାଧାରଣ ନିର୍ବାଚନ ପରେ ନବଗଠିତ ରାଜ୍ୟ ସରକାରଙ୍କୁ ପ୍ରାଥମିକ ଠାରୁ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କର ଅନେକ ଅସମାହିତ ଦାବି ଯାହା ପୂର୍ବ ସରକାରଙ୍କ ପାଖରେ ବାରମ୍ବାର ଉପସ୍ଥାପନ ହୋଇଥିଲା, ରାଜରାସ୍ତା ସଦାସର୍ବଦା ଶିକ୍ଷକମାନଙ୍କ ରାଲିରେ ପ୍ରକମ୍ପିତ ହେଉଥିଲା, ତାହାର ପ୍ରଶମନ ନିମନ୍ତେ ଆଜି ଓଡ଼ିଶା ବିଦ୍ୟାଳୟ ମହାସଂଘ ପକ୍ଷରୁ ମୁଖ୍ୟ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ସୌଜନ୍ୟତା ପ୍ରକାଶ କରିବା ସହିତ ଶିକ୍ଷକମାନଙ୍କର ସମସ୍ୟାକୁ ଉପସ୍ଥାପନ କରିଛନ୍ତି। ସେହି ସମସ୍ତ ସମସ୍ୟା ମଧ୍ୟରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ପୁରୁଣା ପେନସନ ଲାଗୁ, ଅନୁଦାନରୁ ବାଦ ପଡ଼ିଥିବା ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନ ପ୍ରଦାନ ସମୟରେ ବାଛବିଚାର ନୀତିରେ ସରକାରୀ ଭୁଲ୍ ନୀତି ପାଇଁ ରହିଯାଇଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରିବା, ଦୁଇଜଣ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ସମେତ ୩୭,୪୬,୪୮,୬୩ ମାଧ୍ୟମିକ ବିଦ୍ୟାଳୟକୁ ୦୧.୦୧.୨୦୦୪ରିଖରୁ ବରିଷ୍ଠତା ପ୍ରଦାନ, ଚୁକ୍ତିଭିତିକ ଶିକ୍ଷକମାନଙ୍କର ୬ବର୍ଷର ଚୁକ୍ତି ସମୟକୁ ମୂଳଚାକିରି ସହିତ ମିଶ୍ରଣ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ, ହାଇସ୍କୁଲ୍ ମାନଙ୍କରେ କାର୍ଯ୍ୟରତ ବିଏ, ବିପିଏଡ୍ ଡିଗ୍ରୀଧାରୀ ଶିକ୍ଷକମାନଙ୍କୁ ଟ୍ରେ ଗ୍ରାଜୁଏଟ ଦରମା ପ୍ରଦାନ, ସମସ୍ତବର୍ଗର ଶିକ୍ଷକ କର୍ମଚାରୀମାନଙ୍କ ଚାକିରି ଅବଧି ୬୨ ବର୍ଷକୁ ବୃଦ୍ଧି, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ସୁବିଧାରୁ ବ_ତ ଯଥା : ସାମାଜିକ ପଛୁଆବର୍ଗର ଛାତ୍ରଛାତ୍ରୀମାନେ ଛାତ୍ରବୃତିରୁ ବଂଚିତ, ବିଜୁଳି ଦେୟ, କ୍ରୀଡ଼ା ଅନୁଦାନ, କମ୍ପୋଜିଟ ଅନୁଦାନ, ବିଦ୍ୟାଳୟ ନିରାପ । ଅନୁଦାନ, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଅନୁଦାନ, ଗୋଷ୍ଠୀ ମୋବଲାଇଜେସନ ଅନୁଦାନ, ସାଲାସିଦ୍ଧି ଅନୁଦାନ, ଇକୋ କ୍ଲବ ପାଇଁ ସ୍ୱତନ୍ତ୍ର ଅନୁଦାନ ଏପରିକି ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଭ୍ରମଣ ପାଇଁ ସରକାରୀ ବିଦ୍ୟାଳୟ ଅନୁଦାନ ପାଉଥିବା ବେଳେ ଏହିବର୍ଗର ଛାତ୍ରଛାତ୍ରୀମାନେ ସେଥିରୁ ବଂଚିତ। ଉପରଲିଖିତ ସମସ୍ତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହିତ ବିଚାର କରିବା ନିମନ୍ତେ ଖୁବ୍ ଶୀଘ୍ର ସଂଗଠନକୁ ଡାକି ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ବିଜେଡି ହଟ୍ଟଗୋଳ କରି ଖରାପ ପରମ୍ପରା ସୃଷ୍ଟି କରିଛି : ବାବୁ ସିଂହ

**ଭୁବନେଶ୍ୱର, ୨୫।୭ (ମହାଭାରତ):** ବିଧାନସଭା ବଜେଟ୍ ଅଧିବେଶନର ତୃତୀୟ ଦିନରେ ବି ହଟ୍ଟଗୋଳ ପରେ ବିଜେପି ବିଧାୟକ ବାବୁ ସିଂ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଆରମ୍ଭରୁ ବିଜେଡି ହଟ୍ଟଗୋଳ କରି ଖରାପ ପରମ୍ପରା ସୃଷ୍ଟି କରିଛି । ବିଧାନସଭା ପରିସରରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଶ୍ରୀ ସିଂହ କହିଛନ୍ତି, ବିଜେଡି ଗୃହ ଚଳାଇ ଦେଉ ନାହିଁ । ମାହାଙ୍ଗା ଡବଲ ମର୍ଡର ପ୍ରସଙ୍ଗ ଉଠାଇ ବାବୁ ସିଂ କହିଛନ୍ତି, ଆଜି ଯେଉଁ କଥା କହୁଛନ୍ତି, ଶାସନରେ ଥିଲା ବେଳେ କରୁ ନ ଥିଲେ କାହିଁକି ? ମାହାଙ୍ଗା ଡବଲ ମର୍ଡର ଘଟଣାର ୧୩ ନଂ ମୁଦାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ କାହିଁକି ବୋଲି ବାବୁ ସିଂହ ପ୍ରଶ୍ନ କରିଛନ୍ତି। ଅନେକ ବିଧାୟକ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହେଉଛନ୍ତି।

# ଶିକ୍ଷା ସପ୍ତାହରେ୭୫ଟି ପାରମ୍ପରିକ କ୍ରୀଡ଼ାକୁ ବିଦ୍ୟାଳୟସ୍ତରରେ ବ୍ୟାପକ କରିବାକୁ ପ୍ରୟାସ

**ଭୁବନେଶ୍ୱର, ୨୫।୭ (ମହାଭାରତ):** ଜାତୀୟ ଶିକ୍ଷାନୀତି -୨୦୨୦ର ଚତୁର୍ଥ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଫଳତାର ସହ 'ଶିକ୍ଷା ସପ୍ତାହ' ପାଳନ କରାଯାଉଛି । ଏହା ଆଧାରରେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ସମେତ ଶାରୀରିକ ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବୁଧବାର ଦିନ ଶିକ୍ଷା ସପ୍ତାହର ତୃତୀୟ ଦିବସକୁ କ୍ରୀଡ଼ା ଦିବସ ରୁପେ ପାଳନ କରାଯାଇଛି।

କ୍ରୀଡ଼ାକୁ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ ବରଂ ମୁଖ୍ୟ ପାଠ୍ୟକ୍ରମ ଭାବରେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ାର ଗୁରୁତ୍ୱକୁ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ପହଞ୍ଚାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ତେବେ ଭାରତର କୋଣ ଅନୁକୋଣରେ ଥିବା ପାରମ୍ପାରିକ ଖେଳକୁ ଶିକ୍ଷାନୀତି-୨୦୨୦ରେ ସାମିଲ କରାଯାଇଛି । ଶିକ୍ଷା ସପ୍ତାହର ଏହି ଦିବସଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଭାଗିତା, ଦଳଗତ କାର୍ଯ୍ୟ ମନୋଭାବ ବୃଦ୍ଧି, ଶୃଙ୍ଖଳିତ ଆଚରଣ ବୃଦ୍ଧି, ଖେଳୁଆଡ଼ ମନୋଭାବ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ।

ରାଜ୍ୟ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତିରେ ଥିବା ୭୫ ଟି ପାରମ୍ପରିକ କ୍ରୀଡ଼ାକୁ ନେଇ ଏହି କ୍ରୀଡ଼ା ଦିବସ ପାଳନ କରାଯାଇଛି । ସ୍ଥାନୀୟ ଅଂଚଳର ହଜିଯାଉଥିବା କ୍ରୀଡ଼ା ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଭାରତର ପ୍ରାଚୀନ ସଭ୍ୟତା ସହିତ ଅନେକ ପାରମ୍ପାରିକ କ୍ରୀଡ଼ା ଯୋଡ଼ି ହୋଇରହିଛି। ଏହାର ଐତିହାସିକ ମୁହୂର୍ତକୁ ଭବିଷ୍ୟତ ପିଢ଼ିଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ କ୍ରୀଡ଼ା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଖେଳ ଶିକ୍ଷକମାନେ ପାରମ୍ପାରିକ ଖେଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ଆଉଟଡ଼ୋର ଖେଳକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା।

# ଓଡ଼ିଶାରେ ରେଳ ଭିତିଭୂମି ସୁଦୃଢ ହେବ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫।୭ (ମହାଭାରତ):** "ପୂର୍ବୋଦୟ" ଯୋଜନାରେ ଓଡ଼ିଶାକୁ ଅଗ୍ରାଧିକାର ଭିତିରେ ରେଳ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ରେଳ ବଜେଟରେ ୧୦,୫୮୬ କୋଟି ଟଙ୍କା ଅନୁଦାନ ଦେବାର ଘୋଷଣାକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶାକୁ ନିରନ୍ତର ରେକର୍ଡସଂଖ୍ୟକ ରେଳ ବଜେଟ୍ ଅନୁଦାନ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ମୋଦୀ ସରକାରଙ୍କ ତୃତୀୟ ପାଳିରେ ମଧ୍ୟ ଓଡ଼ିଶାକୁ ଅଗ୍ରାଧିକାର ଦିଆଯାଇଛି। କଂଗ୍ରେସ ସରକାର ତୁଳନାରେ ଓଡ଼ିଶାର ରେଳ ବଜେଟରେ ହାରାହାରି ପ୍ରାୟ ୧୨ ଗୁଣା ବୃଦ୍ଧି ମୋଦୀ ସରକାରଙ୍କ ଓଡ଼ିଶା ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳିତ କରୁଛି । ମୋଦୀ ସରକାରରେ ଓଡ଼ିଶାରେ ରେଳ ଲାଇନ ଶତପ୍ରତିଶତ ବିଦ୍ୟୁତିକରଣ ହୋଇଥିବା ବେଳେ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ ଓ ପୁରୀ ଜିଲ୍ଲା ସମେତ ରାଜ୍ୟର ୫୯ଟି ରେଳ ଷ୍ଟେସନକୁ 'ଅମୃତ ଷ୍ଟେସନ' ଭାବରେ ବିକଶିତ କରାଯାଉଛି। ୫୪ ହଜାର ୪୩୪ କୋଟି ଟଙ୍କା ବ୍ୟୟରେ ୪୦ଟି ପ୍ରକଳ୍ପର କାମ ଚାଲୁ ରହିଛି । ଏହି ରେକର୍ଡସଂଖ୍ୟକ ରେଳ ଅନୁଦାନ ଓଡ଼ିଶାରେ ରେଳ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀ ସୁବିଧାକୁ ସହଜ କରିବ। ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବା ସହ ଓଡ଼ିଶାର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପ୍ରଗତି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ନାଟ୍ୟ ବିକାଶରେ କବିଚନ୍ଦ୍ର କାଳୀଚରଣଙ୍କ ଅବଦାନ ଅବିସ୍ମରଣୀୟ

**ଭୁବନେଶ୍ୱର, ୨୫।୭ (ମହାଭାରତ):** ବିଶିଷ୍ଟ ମଂଚ ସଂଚାଳକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଓଡ଼ିଶାର ଆଧୁନିକ ରଙ୍ଗମଂଚର ଭୀଷ୍ମ ପିତାମହ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୬ତମ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବୁଧବାର ପ୍ରତ୍ୟୁଷରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଫେସର (ଡ.) ଉପେନ୍ଦ୍ର ପାଢୀ, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜୟ କୁମାର ସାହୁ, ବିଜୟ କୁମାର ପରିଡ଼ା, ଜୟ ଓଡ଼ିଶା



ସଭ୍ୟବୃନ୍ଦ, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ, ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ବାଙ୍କୀ ମାଟିର ଦାୟାଦ ଓ ବଡ଼ମ୍ବା ଗଡ଼ରେ ଜନ୍ମ ହୋଇଥିବା କାଳୀଚରଣ ଉଚ୍ଚ ଶିକ୍ଷା ପରେ ରାଜ୍ୟରେ ମଂଚ ନାଟକର ବିକାଶ ପାଇଁ କାର୍ଯ୍ୟ କରିବା ସହ ବହୁ କାବ୍ୟ, କବିତା, ନାଟକ ରଚନା କରି ନିଜେ ନାଟ୍ୟ ନିର୍ଦ୍ଦେଶନା ଦେଇ ନାଟକ ପରିବେଷଣ କରୁଥିଲେ।

# ସାମସଙ୍ଗ ଶକ୍ତିଯୁକ୍ତ ଗାଲାକ୍ସି ଜେଡ଼ ଫୋଲ୍ଡ୬, ଗାଲାକ୍ସି ଜେଡ଼ ଫ୍ଲିପ୬କୁ ସଫଳତା

**ଭୁବନେଶ୍ୱର,୨୫।୭ :** ସାମସଙ୍ଗ ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ ବ୍ରାଣ୍ଡ,ଏହାର ଷଷ୍ଠ ପିଢ଼ୀର ଫୋଲଡ଼େବୁଲ ସ୍ମାର୍ଟଫୋନ ଗାଲାକ୍ସି ଜେଡ଼ ଫୋଲ୍ଡ୬, ଗାଲାକ୍ସି ଜେଡ଼ ଫ୍ଲିପ୍୬ର ରେକର୍ଡ଼ ସଂଖ୍ୟକ ପ୍ରି-ଅର୍ଡ଼ରର ଘୋଷଣା କରିଛି । ପ୍ରଥମ ୨୪ ଘଂଟା ମଧ୍ୟରେ ଗାଲାକ୍ସି ଜେଡ଼ ଫୋଲ୍ଡ୬, ଗାଲାକ୍ସି ଜେଡ଼ ଫ୍ଲିପ୍୬ ପ୍ରି ଅର୍ଡ଼ର ୪୦ ପ୍ରତିଶତରୁ ଉର୍ଦ୍ଧ୍ୱକୁ ଯାଇଛି ତୁଳନାତ୍ମକ ଭାବରେ ପୂର୍ବ ପିଢ଼ୀର ଫୋଲଡ଼େବୁଲ ସ୍ମାର୍ଟଫୋନ ଠାରୁ, ଯାହାକି ନୂତନ ଜେଡ଼ ଶୃଙ୍ଖଳକୁ ଭାରତରେ ସବୁଠାରୁ ଅଧିକ ସଫଳତା ପ୍ରଦାନ କରିଛି । ଭାରତରେ ଜୁଲାଇ ୧୦ ତାରିଖରେ ଗାଲାକ୍ସି ଜେଡ଼ ଫୋଲ୍ଡ୬, ଗାଲାକ୍ସି ଜେଡ଼ ଫ୍ଲିପ୍୬ ଗୁଡ଼ିକ ପାଇଁ ପ୍ରି-ଅର୍ଡ଼ର ଖୋଲିବା ସହିତ ପୃଥିବୀର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏକାସାଙ୍ଗରେ ଖୋଲିଛି । ଏହି ନୂଆ ସ୍ମାର୍ଟଫୋନ ତଥା ଏଥି ସହିତ ନିକଟରେ ଶୁଭାରମ୍ଭ ହୋଇଥିବା ଇକୋ- ପ୍ରଣାଳୀଯୁକ୍ତ ସାମଗ୍ରୀ ଯେପରିକି ଗାଲାକ୍ସି ଓ୍ୱାଚ୍ ଅଲଟ୍ରା, ଗାଲାକ୍ସି ଓ୍ୱାଚ୍୭, ଗାଲାକ୍ସି ବଡ୍ସ୩ ପ୍ରୋ ଏବଂ ଗାଲାକ୍ସି ବଡ୍ସ୩ ଇତ୍ୟାଦି ଭାରତରେ ଜୁଲାଇ ୨୪, ୨୦୨୪ରୁ ବିକ୍ରୟ ହେବାକୁ ଯାଉଛି । "ଭାରତରେ ଆମର ନୂଆ ଫୋଲଡେବୁଲ ଗାଲାକ୍ସି ଜେଡ଼ ଫୋଲ୍ଡ୬, ଗାଲାକ୍ସି ଜେଡ଼ ଫ୍ଲିପ୍୬ ସହିତ ଗ୍ରାହକମାନଙ୍କର ସମର୍ଥନ ପାଇଁ ଆମେ ଅତ୍ୟନ୍ତ ଉଲ୍ଲସିତ । ପ୍ରି-ଅର୍ଡ଼ର ବୃଦ୍ଧି ପ୍ରଦର୍ଶିତ କରୁଅଛି ଯେ, ଭାରତୀୟ ଗ୍ରାହକ ମାନଙ୍କର ସ୍ଥାନ ମଧ୍ୟ ନୂତନ କୌଶଳ ତଥା ଦ୍ରୁତ ଗ୍ରହଣୀୟତା ମଧ୍ୟରେ ରହିଛି ।

# ୭୫ ପାରମ୍ପରିକ କ୍ରୀଡ଼ା ବିଦ୍ୟାଳୟମାନଙ୍କରେ ସାମିଲ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଜାତୀୟ ଶିକ୍ଷାନୀତି -୨୦୨୦ର ଚତୁର୍ଥ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଫଳତାର ସହ 'ଶିକ୍ଷା ସପ୍ତାହ' ପାଳନ କରାଯାଉଛି । ଏହା ଆଧାରରେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ସମେତ ଶାରୀରିକ ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବୁଧବାର ଦିନ ଶିକ୍ଷା ସପ୍ତାହର ତୃତୀୟ ଦିବସକୁ କ୍ରୀଡ଼ା ଦିବସ ରୁପେ ପାଳନ କରାଯାଇଛି ।

କ୍ରୀଡ଼ାକୁ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ ବରଂ ମୁଖ୍ୟ ପାଠ୍ୟକ୍ରମ ଭାବରେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରୀଡ଼ାର ଗୁରୁତ୍ୱକୁ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ପହଞ୍ଚାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ତେବେ ଭାରତର କୋଣ ଅନୁକୋଣରେ ଥିବା ପାରମ୍ପାରିକ ଖେଳକୁ ଶିକ୍ଷାନୀତି-୨୦୨୦ରେ ସାମିଲ କରାଯାଇଛି । ଶିକ୍ଷା ସପ୍ତାହର ଏହି ଦିବସଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଭାଗିତା, ଦଳଗତ କାର୍ଯ୍ୟ ମନୋଭାବ ବୃଦ୍ଧି, ଶୃଙ୍ଖଳିତ ଆଚରଣ ବୃଦ୍ଧି, ଖେଳୁଆଡ଼ ମନୋଭାବ ଓ ଆତ୍ମବିଶ୍ୱାସକୁ ବୃଦ୍ଧି



କରିବାରେ ବେଶ୍ ସହାୟକ ହେବ । ରାଜ୍ୟ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତିରେ ଥିବା ୭୫ ଟି ପାରମ୍ପରିକ କ୍ରୀଡ଼ାକୁ ନେଇ ଏହି କ୍ରୀଡ଼ା ଦିବସ ପାଳନ କରାଯାଇଛି । ସ୍ଥାନୀୟ ଅଂଚଳର ହଜିଯାଉଥିବା କ୍ରୀଡ଼ା ଉପରେ ଅଧିକ ଧ୍ୟାନ ଦିଆଯାଉଛି । ଭାରତର ପ୍ରାଚୀନ ସଭ୍ୟତା ସହିତ ଅନେକ ପାରମ୍ପାରିକ କ୍ରୀଡ଼ା ଯୋଡ଼ି ହୋଇରହିଛି । ଏହାର ଐତିହାସିକ ମୁହୁର୍ତକୁ ଭବିଷ୍ୟତ ପିଢ଼ିଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ କ୍ରୀଡ଼ା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଖେଳ ଶିକ୍ଷକମାନେ ପାରମ୍ପାରିକ ଖେଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ଆଉଟଡ଼ୋର ଖେଳକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା ।

# ରେଳ ବଜେଟରେ ଓଡିଶାକୁ ନ୍ୟାର୍ଯ୍ୟ ହକ୍ ମିଳିଛି : ମନମୋହନ

**ଭୁବନେଶ୍ୱର, ୨୫।୭ (ମହାଭାରତ):** କେନ୍ଦ୍ରରେ ମୋଦି ସରକାର ଶାସନକୁ ଆସିବା ପରେ ଓଡିଶାର ବିକାଶକୁ ଗତି ମିଳିଛି । ବର୍ତମାନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ରେଳପଥ ସହ ସଂଯୋଗ କରାଯିବାର କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି । ଅନ୍ୟ ପଟେ ବିଗତ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଓଡିଶାରେ ରେଳବାଇ ବିକାଶ ବାଧାପ୍ରାପ୍ତ ହେଉଥିଲା । ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ବର୍ତମାନ ସମସ୍ତ ବାଧାବିଘ୍ନକୁ ଦୂର କରାଯାଇ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । ଦଶନ୍ଧି ଦଶନ୍ଧି ଧରି ବିଳମ୍ବିତ ହୋଇ ପଡି ରହିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି । ଡବଲ ଇଂଜିନ ସରକାରରେ ରେଳପଥ ନିର୍ମାଣ କାମ ବାଧାପ୍ରାପ୍ତ ହେବ ନାହିଁ । ଓଡିଶାର ସାମୁହିକ ଓ ସନ୍ତୁଳିତ ବିକାଶ ପାଇଁ ରେଳପଥ ପ୍ରମୁଖ ଭୁମିକା ଗ୍ରହଣ କରିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ସ୍ୱାଧୀନତା ପରବର୍ତୀ ସମୟରେ ରେଳବାଇ କ୍ଷେତ୍ରରେ ଓଡିଶା ସର୍ବଦା ଅବହେଳିତ ହୋଇଆସୁଥିଲା । ମାତ୍ର ୨୦୧୪ ମସିହା ପରେ ରେଳ ବଜେଟରେ ପ୍ରତି ବର୍ଷ ଅନୁଦାନ ପରିମାଣ ବୃଦ୍ଧି ପାଇଚାଲିଛି । ଓଡିଶାର ରେଳ ବିକାଶ କ୍ଷେତ୍ରରେ ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ଆଜି ୧୦,୫୮୬ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ଆର୍ଥୀକ ଅନୁଦାନ ବ୍ୟୟବରାଦ ହୋଇଛି । ରାଜ୍ୟରେ ଶତ ପ୍ରତିଶତ ରେଳଲାଇନ ବିଦ୍ୟୁତିକରଣ ହୋଇସାରିଛି । ଆଉ ୫୯ଟି ଷ୍ଟେସନକୁ ଅମୃତ ଷ୍ଟେସନ ଭାବେ ବିକଶିତ କରାଯିବ।

# ଭାରତ ବିଶ୍ୱବିଜୟୀ

୧୭ ବର୍ଷ ପରେ ଏବେ ଦ୍ୱିତୀୟ ଥର ଲାଗି ଭାରତ ଟି-୨୦ ବିଶ୍ୱକପ ବିଜୟୀ ହୋଇଛି। ୨୦୧୧ରେ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ ଜିତିଥିଲା। ଏହା ପରେ ୨୦୧୩ରେ ଭାରତ ଇଂଲଣ୍ଡରେ ଅନୁଷ୍ଠିତ ଚାମ୍ପିୟନସ୍ ଟ୍ରଫି ଜିତିଥିଲା। ଏହା ପରେ ୧୧ ବର୍ଷ ହେବ କୌଣସି ଆଇଆଇସି ଟ୍ରଫି ଜିତିନଥିଲା। ଏବେ ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ ୧୧ ବର୍ଷର ପ୍ରତୀକ୍ଷାରେ ଅନ୍ତ ଘଟାଇଛି। ଗତ ବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଭାରତ ଦୁର୍ଭାଗ୍ୟବଶତଃ ପରାଜିତ ହୋଇଥିଲା। ଭାରତୀୟମାନେ ଏଥିରେ ଗଭୀର ମର୍ମାହତ ହୋଇଥିଲେ। କାରଣ ଶକ୍ତି ଏବଂ ସାମର୍ଥ୍ୟ ଦୃଷ୍ଟିରୁ ଭାରତ ବିଶ୍ୱକପ ବିଜୟୀ ହେବାକୁ ହକଦାର ଥିଲା। ଭାରତ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲ୍ରୁ ଉନ୍ନୀତ ହୋଇଥିଲା। କିନ୍ତୁ ଫାଇନାଲରେ ରଣନୀତି ନିର୍ଦ୍ଧାରଣରେ ତ୍ରୁଟି ଏବଂ ପିଚ ପ୍ରସ୍ତୁତିରେ ଭୁଲ ଯୋଗୁ ଭାରତ ଦୁର୍ଭାଗ୍ୟବଶତଃ ପରାଜିତ ହେଲା। ସମ୍ଭବତଃ ଭାଗ୍ୟ ଭାରତ ସପକ୍ଷରେ ନଥିଲା। ତେବେ ଭାରତୀୟ ଟିମ ଏକ ବିଶ୍ୱବିଜୟୀ ଦଳ ଭଳି ଖେଳିଥିଲା। ଦିନିକିଆ ବିଶ୍ୱକପ ଫାଇନାଲରେ ପରାଜିତ ହେବାର ଦୁଃଖକୁ ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ ବିଜୟ କିଛିଟା ଲାଘବ କରିପାରିଛି। ଏବେ ସୁଦ୍ଧା ଭାରତ ଦୁଇଥର ଟି-୨୦ ଏବଂ ଦୁଇଥର ଦିନିକିଆ ବିଶ୍ୱକପ ବିଜୟ ହାସଲ କରିଛି। ଏଥିଲାଗି ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ ଇଣ୍ଡିଆକୁ ଅଭିନନ୍ଦନ ଏବଂ ଶୁଭେଚ୍ଛା। ସେମାନଙ୍କ ସଫଳତାଲାଗି ଭାରତବାସୀ ଗର୍ବିତ। ଏହି ପ୍ରତିଯୋଗିତାରେ ଭାରତ ଅପରାଜେୟ ହୋଇ ରହି ଶେଷ;ରେ ଟ୍ରଫି ଜିତିଛି। ପ୍ରତିଯୋଗିତାରେ ଭାରତ ଶକ୍ତିଶାଳି ଅଷ୍ଟ୍ରେଲିଆ, ଇଂଲଣ୍ଡ, ପାକିସ୍ତାନ, ବାଂଲାଦେଶକୁ ପରାଜିତ କରିଛି। ଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା ବେଶ ରୋମାଞ୍ଚକର ହୋଇଥିଲା। ପ୍ରଥମରୁ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିରାଟ କୋହଲି ଫାଇନାଲରେ ଚମତ୍କାର ବ୍ୟାଟିଂ କରି ଭାରତକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ସେହିପରି ଅଲରାଉଣ୍ଡର ଅକ୍ଷର ପଟେଲ ଏବଂ ଶିବମ ଦୁବେଙ୍କ ଚମତ୍କାର ବ୍ୟାଟିଂ ବଳରେ ଭାରତ ଏକ ପ୍ରକାର ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଥିଲା। କିନ୍ତୁ ୨୦ ଓଭରରେ ୧୭୭ ରନର ଟାର୍ଗେଟ ଦକ୍ଷିଣ ଆଫ୍ରିକା ପାଇଁ ଯଥେଷ୍ଟ ନଥିଲା। ଏକ ସମୟରେ ଦକ୍ଷିଣ ଆଫ୍ରିକାକୁ ବିଜୟ ହାସଲ ନିମନ୍ତେ ୩୦ ବଲରେ ମାତ୍ର ୩୦ରନର ଆବଶ୍ୟକତା ଥିଲା। ହାତରେ ୫ଟି ୱିକେଟ ଥିଲା। ତେଣୁ ଦକ୍ଷିଣ ଆଫ୍ରିକାର ବିଜୟ କେବଳ ଏକ ଔପଚାରିକତା ବୋଲି ବିଚାର କରାଯାଉଥିଲା। କିନ୍ତୁ କ୍ରିକେଟ ହେଉଛି ଏକପ୍ରକାର ଅନିଶ୍ଚିତତାର ଖେଳ। କେତେବେଳେ କାହାର ବାଜି ପଲଟିଯିବ ତାହା କୁହାଯାଇନାହିଁ। କ୍ରିକେଟର ଏହି ଗୌରବମୟ ଅନିଶ୍ଚିତତା ହିଁ ଏହି ଖେଳ ପ୍ରତି ଆକର୍ଷଣକୁ ବଢ଼ାଇଛି। ୧୭୭ରନର ଟାର୍ଗେଟ ହାସଲ ଲାଗି ବ୍ୟାଟିଂ ଆରମ୍ଭ କରି ପ୍ରଥମମରୁ ଝଟକା ଖାଇଥିଲା। ପରେ ଦକ୍ଷିଣ ଆଫ୍ରିକାର ବ୍ୟାଟ୍ସମ୍ୟାନ ମାନେ ଧୂଆଁଧାର ବ୍ୟାଟିଂ କରି ବିଶେଷ କରି ଭାରତୀୟ ସ୍ପିନରମାନଙ୍କୁ ନିର୍ଘାତ ପ୍ରହାର କରି ଭାରତ ହାତରୁ ମ୍ୟାଚ ଛଡ଼ାଇନେବାକୁ ଯାଉଥିଲେ। କିନ୍ତୁ ଏହି ସମୟରେ ଭାରତର ପେସ ବୋଲର ବିଶେଷ କରି ଯଶପ୍ରୀତି ବୁମରାଙ୍କ ଚମତ୍କାର ବୋଲିଂ ଏବଂ ଭାରତୀୟ ଫିଲ୍ଡରମାନେ କିଛି ଚମତ୍କାର କ୍ୟାଚ ଧରିବା ଫଳରେ ମ୍ୟାଚର ଗତି ବଦଳିଯାଇଥିଲା ଏବଂ ଶେଷରେ ଭାରତ ମାତ୍ର ୭ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ୨୦୦୭ ଫାଇନାଲରେ ପାକିସ୍ତାନ ବିପକ୍ଷରେ ଠିକ ଏହିପରି ଢଙ୍ଗରେ ଭାରତ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ୧୭ ବର୍ଷ ପରେ ଇତିହାସର ପୁନରାବୃତ୍ତି ହୋଇଥିଲା।

# ବିଷମିଶା ରଙ୍ଗୀନ ଖାଦ୍ୟର ମାୟାଜାଲ

**॥ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ॥**

*ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ।*

ବର୍ଷା ଦିନ ଆସିଲାଣି, ଲଗାଣ ବର୍ଷା ଭିତରେ ଗରମ କୋବି ମାଚ୍ୟୁରିଆନ, ରଙ୍ଗୀନ ମିଠା ଆଉ ପିଲାଙ୍କ କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗୀନ ଚୁସକି। ଏହାସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଛୋଟିଆ ଭାବେ ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ। ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଅର୍ଥ ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନହୋଇଥାଏ ଏହା ତ ପରର କଥା କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ଆପଣ ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ଭେଳିକି ଭେଳି ସଜା ହୋଇ ଯେଉଁ ଖାଇବା ଜିନିଷ ଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ଆମ ମାନଙ୍କ ପରି ବଡ଼ ଲୋକଙ୍କ ଆଖିରୁ ନଜର ଖସାଇ ପାରିନଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ ଲାଲ ଚିକେନ ତରକାରୀ ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ ହେଉ ବା ଚିକେନ କବାକ୍ ଦେଖିବାକୁତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବେଶ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁ ରଙ୍ଗୀନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ଫୁଡ଼ କଲର ଯାହାକୁ କୃତ୍ରିମ ଖାଦ୍ୟରଙ୍ଗ କୁହାଯାଏ ସେ ସବୁ ରାସାୟନିକ ଫୁଡ଼ କଲର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜ୍ଜନକ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିଗାଡ଼ି ଦେବା ପାଇଁ ଯଥେଷ୍ଟ ମଧ୍ୟ।

ଆସନ୍ତୁ ପ୍ରଥମେ ଆଗେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନ କ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିୟା କି ବାଲ, କେହି କେହି ବମ୍ବେ ଲଡ୍ଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଗାଁର ମେଳା ହେଉ ବା ଦୋଳଯାତ ବା ହାଟ ବଜାର ଫେରିବାଲାମାନେ ଗୋଲାପୀ ରଙ୍ଗର କଟନ କ୍ୟାଣ୍ଡି ବେଶ ହିନ୍ଦୀ ଗୀତର ସୁରିଲା ସ୍ୱରରେ ଡାକ ଦେଇ ବିକୁ ଥାନ୍ତି। କିନ୍ତୁ ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି ପିଲାଙ୍କ ଏହି ପ୍ରିୟ କଟନ କ୍ୟାଣ୍ଡିରେ ରୋଡ଼ାମାଇନ-ବିର ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହା ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଧାଦେଶ ଜାରି କରିଛନ୍ତି। କଟନ କ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡ଼ାମାଇନ-ବି ଯାହାକି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏହା ଶୀଘ୍ର ପାଣି ମିଳେଇ ଯାଏ ଏବଂ ଅତ୍ୟନ୍ତ ଶସ୍ତାମାନର। ଏହା ବିଶେଷକରି ଚମଡ଼ାଶିଳ୍ପ, କାଗଜ ଓ କପଡ଼ା ଶିଳ୍ପରେ ବ୍ୟବହାର ହୁଏ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି। ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ ଆକ୍ଟ-୨୦୦୬ ଅନୁସାରେ ଅପରାଧ।

ଆମ୍ଭମାନଙ୍କର ଘରେ ବିଶେଷକରି ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାନଚ୍ୟୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ଣ୍ଣୋଫ୍ଲୋର, ମଇଦା, ବନ୍ଧାକୋବି ସସ୍କୁ ମିଶାଇ ଏହି ଚମତ୍କାର ପାଟି ଟକଳା ଖାଦ୍ୟରେ କ୍ରିସ୍ପି ଓ ସସର ଉପାଦାନ ରହୁଥିବାରୁ ଏହା ଆମ ଖାଦ୍ୟ ଟେବୁଲରେ ବଡ଼ ଜାଗାଟିଏ ନେଇଥାଏ। ରାସ୍ତାକଡ଼ର ଠେଲା ଗାଡ଼ିରୁ ବଡ଼ ବଡ଼ ରେଷ୍ଟୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡ଼ରାଇସ ସହିତ ମେନୁ ତାଲିକାରେ ଏହା ଥାଏ। କିନ୍ତୁ ଏହି ମାନଚ୍ୟୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ କଲର ରହିଛି ଏଥିରେ ବି ରୋଡ଼ାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହି ବିକ୍ରି ଉପରେ ନିକଟରେ କର୍ଣ୍ଣାଟକ ଓ ଗୋଆ ସରକାର ମଧ୍ୟ ନିଷେଧାଦେଶ ରଖିଛନ୍ତି। ଏଥିରେ କ୍ୟାଲୋରି, ସୋଡ଼ିୟମ ଓ ଫ୍ୟାଟର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚରକ୍ତଚାପର କାରକ ପାଲଟିଥାଏ। ଏହା ପୂର୍ବରୁ ଆମେ ଚୁସକି କଥା ଉଲ୍ଲେଖ କରିଥିଲେ। ଲାଲ, ନୀଳ, ସବୁଜ, ହଳଦୀ ରଙ୍ଗର ବରଫ ଗୋଲା ମଧ୍ୟ ବେଶ ଖାଇବାକୁ ଭଲ ଲାଗେ। ରଙ୍ଗୀନ ବରଫ ଗୋଲାକୁ ଚୁସି ଚୁସି ଖିଆଯାଉଥିବାରୁ ଏହାର ନାମ ଚୁସକି। ତେବେ ଏହି ବରଫ ଗୋଲା ପ୍ରଥମତଃ ଅଧିକାଂଶ ଭାବେ ଦୂଷିତ ପାଣି ଓ ବିଷାକ୍ତ ମାନର ରଙ୍ଗୀନ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଝାଡ଼ା, ବାନ୍ତି, ତ୍ୱଚା ଆଲର୍ଜି ସହ ଦାନ୍ତ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇଥାଏ। ଏହା ଦାନ୍ତରେ କ୍ୟାଭିଟ ମାତ୍ରାକୁ ବଢ଼ାଇଥାଏ ଏବଂ ଶରୀରର ଇମ୍ୟୁନିଟିକୁ ବ୍ୟବହାର କରିଥାଏ।

ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ଼ନୀକୁ ଖରାପ କରିଦିଏ। ଆମେ ବିଷାକ୍ତ ଖାଦ୍ୟ ପ୍ରସଙ୍ଗରେ ଆଲୋଚନା କରୁଥିବାବେଳେ ଆସନ୍ତୁ କିଛି ମାରାତ୍ମକ ଅଥଚ ଆମ ଅଜାଣତରେ ବିଷ ଭରୁଥିବା ଫୁଡ କଲର ସମ୍ପର୍କରେ ଜାଣିବା। ସର୍ବପ୍ରଥମେ ରୋଡ଼ାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ର ଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାର କରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନସର ରୋଗର କାରକ ସାଜିଥାନ୍ତି। ସେହିପରି ମେଡ଼ିସିନ ଓ କସମେଟିକ ଶିଳ୍ପ ପାଇଁ ଅନୁମତି ଥିବା ସନସେଟ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜମା ଓ ସ୍କିନ ଆଲର୍ଜି ପାଇଁ ଦାୟୀ। ସେହିପରି କାର୍ମୋଇସିନ ଫୁଡ଼ କଲର ଦେଖିବାକୁ ପୁରାପୁରି ଲାଲ ରଙ୍ଗ। ଯାହାକୁ ଆଇଏଆରସି କ୍ୟାଟାଗୋରୀ ଥ୍ରି କାର୍ସିନୋଜୋନରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଏହା ଅନୁମତି ନଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ଼ନୀ, ସ୍କିନ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ ଆକର୍ଷଣୀୟ କରୁଥିବା ସିନ୍ଥେଟିକ ଫୁଡ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହରମୋନ, ଥାଏରଡ଼ ଗ୍ରନ୍ଥି, ଆନଜିଓଡ଼ିମା, ଏକଜିମା, ବ୍ରୋଙ୍କାଇଟିସ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। କେବଳ ପିଲାମାନଙ୍କୁ ନୁହେଁ ବଡ଼ ଲୋକମାନଙ୍କୁ ମଧ୍ୟ ଏହା ଅତ୍ୟନ୍ତ ଆକର୍ଷିତ କରିଥାଏ। ତେବେ ଏହି ଡ୍ରାଏ ଆଇସ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ଼ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବିୟୁକ୍ତ ୮୦ଡିଗ୍ରୀ ତାପମାତ୍ରାରେ ଥିବା ଏହି ଡ୍ରାଏ ଆଇସ ସାଧାରଣ ବରଫ ତୁଳନାରେ ପାଖାପାଖି ୪୦ଗୁଣ ଅଧିକ ଥଣ୍ଡା। ବରଫ ପାଟିକୁ ଗଲେ ତରଳି ଯାଇଥାଏ କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ କିନ୍ତୁ ବାସ୍ତବ କଥା ହେଉଛି ଫଟୋସୁଟ, ଥିଏଟର ଓ ମେଡ଼ିକାଲ ଜିନିଷ ସଂରକ୍ଷିତ ରଖିବା ପାଇଁ ଏହି ରାସାୟନିକ ପଦାର୍ଥଟି ଜଣେ ଯଦି ହାତରେ ସ୍ପର୍ଶ କରିବ ଏହା ହାତକୁ ଜଳାଇ ଦେବାର କ୍ଷମତା ରଖିଛି। ଏହା ଫୁସଫୁସ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ କମ ସମୟ ଭିତରେ ବିଗାଡ଼ି ଦେବାର କ୍ଷମତା ରଖିଛି।

ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନି ଅକ୍ସାଇଡ଼ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗୀନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ମୂଲ୍ୟବାନ ସ୍ୱାସ୍ଥ୍ୟକୁ ବିଗାଡ଼ିବା ପାଇଁ ଏହିପରି କିଛି ପାଟି ଲାଳସା ରଙ୍ଗୀନ ଖାଦ୍ୟର ମାୟାଜାଲରେ ନ ପଡ଼ି ନୀରୋଗ ସ୍ୱାସ୍ଥ୍ୟ ନିର୍ବାହ କରିବା ପାଇଁ ସର୍ବଦା ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ସବୁଜ ପନିପରିବା, ତଟକା ଫଳ, ବିଶୁଦ୍ଧ ଜଳ ଏସବୁ ଗ୍ରହଣ କରନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ନୀରୋଗ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ।

କନସଲ୍ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ଖଣ୍ଡ ବା ଚକଡ଼ା ଲଗାଣ

**॥ ଅଜୟ କୁମାର ବେହେରା ॥**

ଓଡ଼ିଆ ପାଞ୍ଜି ଦେଖନ୍ତୁ ପ୍ରତିବର୍ଷ ବର୍ଷା ସୂଚନାରେ କିଛି ସୂଚନା ସବୁବର୍ଷ ପାଞ୍ଜିରେ ଲେଖାଥିବା ଦେଖାଯିବ। ଲଗାଣରେ ଡହକ ଲଗାଣ ଚକଡ଼ା ଲଗାଣ, ଖଣ୍ଡ ଲଗାଣ ଓ ସର୍ବତ୍ର ଲଗାଣ ଆସେ। ଖରା, ବର୍ଷା ଲଗାଇ ରଖିବା କାର୍ଯ୍ୟ ଲଗାଣର। ଖଣ୍ଡ ଲଗାଣ ଅର୍ଥ ଖଣ୍ଡିଏ ଖଣ୍ଡିଏ ସ୍ଥାନରେ ବର୍ଷା ଓ ଖରା। ଚକଡ଼ା ଲଗାଣ ଅର୍ଥ ସ୍ଥାନେ ସ୍ଥାନେ ଖଣ୍ଡଏ ଖଣ୍ଡିଏ ଯାଗାରେ ବର୍ଷା। ସର୍ବତ୍ର ଲଗାଣ ଅର୍ଥ ସବୁ ସ୍ଥାନରେ ବର୍ଷା। ବର୍ଷାର ଉତ୍ସ ହେଉଛି ସମୁଦ୍ର ଜଳ ଭଣ୍ଡାରରୁ ଉଠି ଆସିବା ଜଳୀୟବାଷ୍ପ ଯାହା ସୂର୍ଯ୍ୟ କିରଣରେ ଉତ୍ତପ୍ତ ହୋଇ ଉପରକୁ ଉଠି ପବନ ସାହାଯ୍ୟରେ ମାଟି ଦିଗକୁ ଆସି ବର୍ଷା କରାଇବ, ପବନର ସେପରି ବହିବାର ଦିଗ ଅଛି। ଏ ପାଇଁ ନିୟମ ବି ଧାର୍ଯ୍ୟ। ତେବେ ପ୍ରକୃତିର ନିୟମକୁ ଭାଙ୍ଗନ୍ତି ସ୍ୱାର୍ଥନ୍ୱେଷୀ ମନୁଷ୍ୟ। ଯାହାକୁ ପୂର୍ବ ବର୍ଣ୍ଣନା ଧରାଯାଉଥିବା ଅସୁର ଦଳ। ଡହକ ଲଗାଣ ପ୍ରଚଣ୍ଡ ରୌଦ୍ର ତାପର ଲଗାଣ। ଅଗ୍ନୀର ଜ୍ୱଳା, ଜଳୁଥିବା ସ୍ଥାନରୁ ଉଠେ। ଏକ କୋନ ସଦୃଶ ବା ଏକ କାହାଳୀର ସଦୃଶ ଓଲଟ ଧାରାରେ ଏପରି ପୃଥିବୀରେ ସର୍ବତ୍ର ପାହାଡ଼ ପର୍ବତର ମୂଳରୁ ଶୃଙ୍ଗ ଯାଏ ଦୃଶ୍ୟ ପ୍ରତି କୋଠାଘରର କେବଳ ନୁହଁ ଚାଳଘରର ଛାତ ଏଇ ସୂର୍ଯ୍ୟ କିରଣର ତାପ ସହ୍ୟ କରୁଛି। ଚାଳଘର ଓ ମନ୍ଦିର ଗୁଡ଼ିକ ଏପରି ମସଜିଦ ଗୀର୍ଜାର ଘର ଗୁଡ଼କ ପାଚିର ଭାଙ୍ଗିପରି ଶୃଙ୍ଗ ସମ୍ବନ୍ଧ କରାଯାଇଥାଏ। ତାର କାରଣ ସୂର୍ଯ୍ୟକିରଣ ଏହା ଗ୍ରହଣ କରି ସରୁଶୃଙ୍ଗରୁ ଉପରକୁ ମେଲିଗଲେ ସେ ଘରର ପରମାୟୁ ଏଇ ସୂର୍ଯ୍ୟତାପ ଗ୍ରହଣରୁ ପରମାୟୁ ଶୀଘ୍ର ହରାଇଥାଏ ମାତ୍ର ଟାୱାର ଘର ଆଦି ଦୀର୍ଘସ୍ଥାୟୀ ରହିଥାଏ। ଯଜ୍ଞଘର ସବୁ ସେହିପରି ନିୟମରେ ତିଆରି ଓ ସଜାଇ ରଖାଯାଇଥାଏ। ମନୁଷ୍ୟ କୌଣସି ଶାସ୍ତ୍ର ନିୟମକୁ ନମାନି ମନମାଳି କାମ କଲେ ତାହା ପ୍ରକୃତିର ତାଣ୍ଡବକୁ ଡାକି ଆଣେ। ପର୍ବତ ପଥର ସ୍ତୁପ ନିଦା ପଥର ଖଣ୍ଡ ଖଣ୍ଡ ମନକୁ ହୁଏ। ଏହା ଗରମ ଅତ୍ୟଧିକ ସୂର୍ଯ୍ୟତାପରେ ହୋଇ ହଠାତ ବର୍ଷାରେ ଥଣ୍ଡା ହେଲେ ଚଡ଼କୀ ଫାଟି ଫାଳ ଶୀଳ ହୋଇଥାଏ। ବାସ୍ତୁଶାସ୍ତ୍ର ନିୟମ ଅନୁସରଣ କରି ଯଜ୍ଞ ଘର କୁଣ୍ଡ ପ୍ରସ୍ତୁତ କରାଯାଏ। ଗୃହାଦି ବାସ୍ତୁଶାସ୍ତ୍ର ନିୟମରେ ସ୍ଥାନ ଦୃଷ୍ଟେ କରାଯାଏ। ବଡ଼ ଜଳାଶୟ ସମୁଦ୍ର ଓ ବହୁ ପ୍ଲାବନୀ ନଦୀ ତଟର ଭୂମି ପାଇଁ ବାସ୍ତୁଶାସ୍ତ୍ରର ଭିନ୍ନ ଭିନ୍ନ ପ୍ରୟୋଗ ରହିଛି।

ଏହା ସରକାର କାନୁନ କଠୋର ହେଲେ ଡହକ ଲଗାଣ ପରିବୋଧ ହୁଏ। ଦଳରେ ନେତାଙ୍କ ପ୍ରତି କଠୋର କର୍ମକର୍ତ୍ତା ଦଳପତି ହେଲେ ତାଙ୍କ ପାଇଁ ତହକ ଲଗାଣ। ପାହାଡ଼ ପର୍ବତର ପ୍ରବଳ ଖରା ବର୍ଷାରେ ପଥର ଖଣ୍ଡ ଖଣ୍ଡ ହେଲାପରି ରାଜନୈତିକ ଦଳ ବି ଫାଟ ମନକୁ ଏମିତି ହୁଏ।

ଏ ଲଗାଣ ପ୍ରକ୍ରିୟା ବର୍ଷର ବର୍ଷାଦିନରେ ହିଁ ତଦାରଖ କରାଯାଏ। ପ୍ରକୃତି ୬୦ ବର୍ଷ, ୧୨ ବର୍ଷ, ୭ ବର୍ଷ, ୫ ବର୍ଷ, ୪ବର୍ଷରେ ଭିନ୍ନ ଭିନ୍ନ ଚକ୍ରଗତିରେ ପାଣିପାଗର ପରିବର୍ତ୍ତନ ଆଣିପାରେ। ଚାରି ବର୍ଷରେ ଆମେରିକାରେ ନିର୍ବାଚନ ପାଞ୍ଚବର୍ଷରେ ଭାରତରେ ସାଧାରଣ ନିର୍ବାଚନ ହେଉଛି। ପ୍ରକୃତରେ ଏହା ବି ଏକ ମୌସମ ପାଣିପାଗ ପଦ୍ଧତିରେ ଆସୁଛି। ପାଣିପାଗ ପରି ଏଥିରେ ତିନି ପ୍ରକାର ଧାରା ଅନୁଭୂତି ହେଉଛି। ଭାରତରେ ଏମପି ସ୍ଥାନ ଯାହା ୫୦୦ ଦେଶୀୟ ରାଜ୍ୟ ଥିଲା। ଏବେ ଏମପି ସ୍ଥାନ ଏହାବାଦ ୨୫୦ ରାଜ୍ୟସଭାର ଏମପି। ଓଡ଼ିଶାରେ ଏମଏଲଏ ସ୍ଥାନ ୧୪୭ଟି ରହିଛି। ଏଥିରେ ସର୍ବତ୍ର ଲଗାଣ ଅର୍ଥ ସବୁଆଡ଼େ ଏକ ରାଜନୈତିକ ଦଳକୁ ଭୋଟରଙ୍କ ମଧ୍ୟରୁ ଅଧିକ ମତରେ ସମ୍ମତି। ମାତ୍ର ସ୍ଥାନେ ସ୍ଥାନେ ବହୁମତ ସ୍ଥାନେ ସ୍ଥାନେ ଅଳ୍ପମତ। ଏକ ଦଳ ପାଇଲେ ଏହା ଚକଡ଼ା ଲଗାଣ ଓ ଖଣ୍ଡେ ଖଣ୍ଡେ ସ୍ଥାନ ପାଇଥିବା ଦଳୀୟ ମତ ଅଞ୍ଚଳ ବହୁମତରେ ଦଳରେ ବିରୁଦ୍ଧ ଦଳରେ ରହିପାରନ୍ତି। ବର୍ଷର ଆରମ୍ଭ ଦିନର ସମ୍ବତ୍ ବା ଶକାବ୍ଦରୁ ଓ ବର୍ଷର ବାର ସଂକ୍ରାନ୍ତି ତଥା ମୌସୁମୀ ବାୟୁ ପ୍ରବାହର ଆଦ୍ୟ ଦିବସ, ରୋହିଣୀ, ମୃଗଶିରା, ଆର୍ଦ୍ରାଦି ରବି ପ୍ରବେଶ ଦିନରୁ ଓ ମୂଳା ରବି ପ୍ରବେଶ ଦିନର ବର୍ଷର ଆଗାମୀ ଫଳାଫଳର ଧାରଣା କରାଯାଏ। ସେମିତି ସରକାର ବଜେଟ ଓ ଯୋଜନାର ରୂପାୟନ କାନୁନର ଲାଗୁ ଦିନରୁ ଆଗକୁ କଣ ହେବ ଅନୁମାନ କରାଯାଏ।

ବଗର ଅଣ୍ଟ ବଢ଼ିଲେ ମାଛଙ୍କୁ ପ୍ରମାଦ। ମନ୍ତ୍ରୀ ମଣ୍ଡଳରେ ଯେବେ କ୍ୟାବିନେଟରେ ଫଏସଲା କାନୁନ ଲାଗୁ ଧରାଯାଇ କାର୍ଯ୍ୟକାରୀ ହେଉଛି ବାସ ସେଠାରୁ ଆରମ୍ଭ ହେଉଛି ବିରୁଦ୍ଧ ଶକ୍ତିର ଜାଗରଣ। ଅସନ୍ତୋଷର ନିଆଁ କୁହୁଳି ଥାଏ। ଏହା ଭୋଟ ବେଳକୁ ଫଉଜି ଜଳି ଉଠେ। ଶତୃତା ସୃଷ୍ଟିର ଜଡ଼ ପୂର୍ବରୁ ଭୋଟ ବେଳକୁ ମହାଦ୍ରୁମ ମୁଣ୍ଡ ଟେକି ଥାଏ। ଯେତେ ଚାଟୁବାକ୍ୟ ଥାଏ ଏସବୁ ଭୋଟ ବେଳକୁ ରୂପ ନିଏ। ପୁଣି ମାଛ ଜିହ୍ୱାରେ ମାଛ ବନସି କଣ୍ଟାରେ ଲଗିଲାପରି ପାର୍ଥୀଙ୍କ ଦେୟ କିଛି ଉତକୋଚ ବନସୀ କଣ୍ଟାରେ ଲାଗିବା ପରି ପରେ ବୋଧ ହୁଏ। ହସ୍ତନୀକୁ ହସ୍ତୀ ପ୍ରେମ ପ୍ରସଙ୍ଗରେ ଭଲ ପାଏ ବୋଲି ଖଣାରେ ବା ଖେଦାରେ ପଡ଼ିଯିବା ହାତି ଶେଷରେ ଜଂଜିରରେ ବନ୍ଧା ହୋଇ ଲୋକର କାମକୁ ଲାଗିବାକୁ ଅଙ୍କୁଶ ଭୃଷା ଖାଇ ମାହୁନ୍ତ କଥାରେ ପରିଚାଳିତ ହୁଏ। ଗଞ୍ଜେଇଆ ଭୋଳ ଅଫିମିଆ ଚୋର ମଦ ରାଜାକୁ ବେଶ୍ୟା ନାଚୁଣୀ ଦ୍ୱାରକୁ ନେଇଥାଏ। ଏପରି ବିରାଟ ରାଜ ସମ୍ପଦ ହରାଇ ନିସ୍ୱ ହେବାକୁ ପଡ଼େ। ଏବେ ଲୋକେ ଯୁଆଡ଼ି। ପ୍ରଦି ଦଳଙ୍କୁ ଘୋଡ଼ା ଦୌଡ଼ର ଘୋଡ଼ା ଭାବି ତହିଁରେ ଟଙ୍କା ଲଗାଉଛନ୍ତି। ଯେ ଆସୁ ମୂଳ ଜମା ସୁଧ ସହିତ ବର୍ଷରେ କୌଣସି ପ୍ରକାର ଆଦାୟ ସେମାନେ କରିପାରନ୍ତି। ଏସବୁ ନଜିର ଥାଇ ବି ଲୋକେ ପତଙ୍ଗ ପରି ପ୍ରଦୀପରେ ଝାସ ଦେବାକୁ ଉଡି ଆସୁଛନ୍ତି। ଏଥିରୁ ଭୋଟ ମୁକ୍ତ ନୁହଁନ୍ତି ପାର୍ଥୀ ମୁକ୍ତ ନୁହଁନ୍ତି। ଜନସେବା ପାଇଁ ସଂକଳ୍ପ କାହିଁକି ନେଇ ଭୋଟରଙ୍କ ଘରକୁ ଆସୁଛନ୍ତି। ସଭାରେ ବଡ଼ ବଡ଼ ଭାଷଣ ଦେଉଛନ୍ତି। ଧର୍ମ କଣ ନବୁଝିଲେ କେବେ ଧର୍ମ ସହିବ କି ? ଲଗାଣ ସର୍ବତ୍ର କେବେ ହେବ ଏ ପାଇଁ ଚାଷୀ ଆକାଶକୁ ଚାହେଁ, ପାଞ୍ଜିକାରଙ୍କ ପାଞ୍ଜି ଦେଖେ। ପାଞ୍ଜିକାର ଏ କ୍ଷେତ୍ରରେ ଖବର କାଗଜ, ଖବରକାଗଜ ସଠିକ ଖବର ନଦେଲେ ସବୁପଣ୍ଡ ହୋଇଯାଇପାରେ। ଲଗାଣ ସଠିକ ହୋଇନପାରେ। ସ୍ଥାନ ମାନଙ୍କର ଖବର କାଗଜ ସମ୍ପାଦକଙ୍କ ମଧ୍ୟରେ ସହ ମେଳ ନହେଲେ ଏ ଦେଶରେ ଶାସନାଧିକାର ପ୍ରଜାଙ୍କ ସଠିକ ଦୁଃଖ ନିବାରଣ କରି ହେବନାହିଁ।

ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ମାନସିକ ରୋଗ ଓ ଡାକ୍ତର

**॥ ଡାକ୍ତର ସମ୍ରାଟ କର ॥**

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ ।

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଖଣି ଅଧିକାରୀଙ୍କ ନୟାଗଡ଼କୁ ଅବହେଳା, ଖୋଲାଖୋଲି ଖଣି ଲୁଟ୍

- ନାଁକୁ ମାତ୍ର ଚଢ଼ଉ ହେଉଛି
- ଦୁଇଟି ଜିଲ୍ଲା ଦାୟିତ୍ୱରେ ଅଛନ୍ତି ଜଣେ ଅଧିକାର



**ନୟାଗଡ,(ମହାଭାରତ) :** ଜିଲ୍ଲାର ଗୋଟିଏ ପରେ ଗୋଟିଏ ପଥର ଖଣିକୁ ମାଫିଆମାନେ କିପରି ଆଖିବୁଜା ଲୁଟି ଚାଲିଛନ୍ତି, ଏହାର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ତହସିଲରୁ ଖଣି ବିଭାଗ ଅଧୀନକୁ ଏହି ପଥର ଖଣି ଆସିବା ପରେ ଏହି ଲୁଟ୍ ବେଶୀ ବଢ଼ି ଚାଲିଛି। ବିଭାଗ ପରିବର୍ତ୍ତନ ହେବା ପରେ ଏପର୍ଯ୍ୟନ୍ତ ସମସ୍ତ କାଗଜପତ୍ର କରାଯାଇ ନାହିଁ। ଫଳରେ ରାଜସ୍ୱ ଦେବାକୁ ପଡୁନଥିବାରୁ ଖଣି ଲିଜ୍ ନେଇଥିବା ମାଲିକମାନେ ମନଇଚ୍ଛା ଉତ୍ତୋଳନ କରି ଚାଲିଛନ୍ତି। ଯଦିଓ ଖଣି ବିଭାଗ ସେଠାରେ ଚଢ଼ଉ କରୁଛି, ବର୍ତ୍ତମାନ ସୁଦ୍ଧା ଏହି ମାଲିକ ମାନଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯେହେତୁ ଖଣି ଅଧିକାରୀ ନିଜ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପାଇଁ ଠିକ୍ ଭାବେ ନୟାଗଡ଼ରେ ସମୟ ଦେଇପାରୁନାହାନ୍ତି, ସେଥିପାଇଁ ଏପରି ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାର ଖଣି ଅଧିକାରୀ ଥିବା ଈଶ୍ୱର ପ୍ରଧାନଙ୍କୁ କନ୍ଧମାଳ ଦାୟିତ୍ୱ ମଧ ଦିଆଯାଇଛି। ଫଳରେ ସପ୍ତାହରେ ଦିନେ ଦୁଇ ଦିନ ସେ ନୟାଗଡ଼କୁ ଆସୁଛନ୍ତି। ଏଣୁ ଜିଲ୍ଲାରେ ଲିଜ୍ ଦିଆଯାଇଥିବା ସମସ୍ତ ପଥର ଖଣିକୁ ଯାଞ୍ଚ କରିବା ପାଇଁ ତାଙ୍କ ପାଖରେ ସମୟ ନାହିଁ। ଏହାର ସୁଯୋଗ ନେଇ ପଥର ଖଣି ଗୁଡ଼ିକରେ ବେଆଇନ କାର୍ଯ୍ୟ ଚାଲିଛି। କିଛି ମାଲିକଙ୍କ କହିବା ମୁତାବକ, ତହସିଲ ଅଧୀନରେ ଖଣି ଓ କ୍ରସର୍ ରହିଥିବା ସମୟରେ ସେମାନେ ଆବଶ୍ୟକ କାଗଜପତ୍ର ଜମା କରିଥିଲେ। ବର୍ତ୍ତମାନ ଏହା ଖଣି ଅଧୀନକୁ ଆସିବା ପରେ ସେଠାରେ ଆବଶ୍ୟକ ହେଉଥିବା ସମସ୍ତ କାଗଜପତ୍ର କୌଣସି ମାଲିକ ଦେଇନାହାନ୍ତି। ତହସିଲରେ ଦିଆଯାଇଥିବା ପ୍ରମାଣପତ୍ର ଏଠାରେ ଚଳିବ ନାହିଁ ବୋଲି ଏହି ମାଲିକ ମାନଙ୍କୁ ଖଣି ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ବର୍ତ୍ତମାନ ଏହି ମାଲିକ ମାନଙ୍କ ଠାରୁ ତହସିଲ କିମ୍ବା ଖଣି କେହି ବି ଟିକସ ନେଉ ନାହାନ୍ତି। ସେମିତି ବିଚାର କଲେ ଜିଲ୍ଲାରେ ଚାଲିଥିବା ସମସ୍ତ ଖଣି ଓ କ୍ରସର ଏବେ ବେଆଇନ ବୋଲି ଖଣି ବିଭାଗ ପକ୍ଷରୁ କୁହାଗଲାଣି ରାଜସ୍ୱ ବିଭାଗ ଏହି ଖଣିକୁ ହସ୍ତାନ୍ତର କରିଥିବା ବେଳେ ଏହାର ରେକର୍ଡ ପଥର ଖଣି ରହିଛି। ମାତ୍ର ଏସବୁ ଖଣି କିନ୍ତୁ ଜଙ୍ଗଲ କିସମ ଓ ଜଙ୍ଗଲ ଜମି ଥିବା ନେଇ ଖଣି ବିଭାଗ ସନ୍ଦେହ କରୁଛି। ଏହାର ସ୍ଥିତାବସ୍ଥା ଯାଞ୍ଚ କରିବା ସହ ଏହା ତଦନ୍ତ କରି ଏକ ରିପୋର୍ଟ ଦେବାକୁ ଜିଲ୍ଲା ପ୍ରଶାସନକୁ ଖଣି ବିଭାଗ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଦଶପଲ୍ଲା ପୋଇବାଡ଼ି ସର୍କଲ ପଙ୍ଗାଳସାହି ଠାରେ ଥିବା ପଥର ଖଣି, ଗତ ଦୁଇଦିନ ତଳେ ଭାପୁର କାଶିଆରେ ଥିବା ପଥର ଖଣି, ପୂର୍ବରୁ ଖଣ୍ଡପଡ଼ା ବ୍ଲକ୍ ବଳଭଦ୍ରପ୍ରସାଦ ପଞ୍ଚାୟତ ସିଙ୍ଗିପୁର ମୌଜାରେ ଥିବା ପଥର ଖଣି ଓ ନୂଆଗାଁ ବ୍ଲକ୍ ଅମେଇମୁହାଁ ମୌଜାରେ ଥିବା କ୍ରସର ଉପରେ ଚଢ଼ଉ କରାଯାଇଛି। ସବୁଠି ଖୋଲାଖୋଲି ବେଆଇନ କାର୍ଯ୍ୟ ଚାଲୁଥିବା ଖଣି ଅଧିକାରୀ ଈଶ୍ୱର ପ୍ରଧାନ ଦେଖିବାକୁ ପାଇଛନ୍ତି। ମାତ୍ର କୌଣସି ମାଲିକଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦେଖିବାକୁ ମିଳିନାହିଁ। ଫଳରେ ଏହି ଚଢ଼ଉ କେବଳ ନାଁକୁମାତ୍ର ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ନବଜାତ ଶିଶୁଙ୍କ ଜୀବନକୁ ନେଇ ଖେଳୁଛନ୍ତି ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟର ଲ୍ୟାବ୍ ଟେକ୍ନିସିଆନ୍

**ଖୋର୍ଦ୍ଧା,(ମହାଭାରତ) :** ରକ୍ତନମୁନା ପରୀକ୍ଷା ପାଇଁ କୋମଳମତି ଶିଶୁଙ୍କ ଠାରୁ ସଂଗ୍ରହ କରାଯାଉଛି ରକ୍ତ, ହେଲେ ରିପୋର୍ଟ ମିଳୁନି। ଯଦି ମିଳୁଛି ତାହା ମଧ ବହୁ ବିଳମ୍ବରେ। କାରଣ ପଛରେ ରହିଛି ଦାୟିତ୍ୱରେ ଥିବା ଲ୍ୟାବ୍ ଟେକନିସିଆନଙ୍କ ଖାମଖିଆଲ ମନୋଭାବ ହେଉ ଅଥବା ଦାୟିତ୍ୱରେ ଚରମ ଅବହେଳା । ଏଥିରୁ ସ୍ପଷ୍ଟ ବାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେଉଁ ମନୋଭାବ ରଖି ରୋଗୀ ମାନଙ୍କୁ ସେବା ପ୍ରଦାନ କରା ଯାଉଅଛି। କର୍ମଚାରୀଙ୍କ ଅବହେଳାରୁ ଯଦି ଯଦି କିଛି ଅଘଟଣ ଘଟିଲା, ତେବେ ଏଥିପାଇଁ ଦାୟୀ ରହିବ କିଏ ? ଏମିତି କିଛି ଅଭିଯୋଗ ଆଣିଛନ୍ତି ଏକ ନବଜାତ ଶିଶୁର ପରିବାର ଲୋକ । ସୂଚନା ଅନୁସାରେ ଗତ ୨୨ତାରିଖ ସୋମବାର ଗୁଡୁମ୍ ଅଞ୍ଚଳରୁ ଆସିଥିବା ମନିଷା ମହାପାତ୍ର(୨୯) ନାମକ ଜଣେ ମହିଳାଙ୍କ ନବଜାତ ଶିଶୁ କ୍ଷେତ୍ରରେ । ମନିଷା ମଙ୍ଗଳବାର ସକାଳ ସମୟରେ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ନିଜର ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ତେବେ ଗତକାଲି





ସକାଳ ୯ଟା ସମୟରେ ଉକ୍ତ ନବଜାତ ଶିଶୁ ଠାରୁ ୨ଟି ରକ୍ତ ନମୁନା ସଂଗ୍ରହ କରାଯାଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିକ୍ଷାଗାରକୁ ପଠାଯାଇଥିଲା । ଗୋଟିଏ ବ୍ଲଡ଼ ଗ୍ରୁପ୍ ଓ ଜଣ୍ଡିସ ପାଇଁ ଏବଂ ଅନ୍ୟଟି ସିବିସି ପାଇଁ। ହେଲେ ଦୀର୍ଘ ୮ ଘଣ୍ଟାର ଅପେକ୍ଷା ପରେ ନବଜାତ ଶିଶୁର କେବଳ ବ୍ଲଡ଼ଗ୍ରୁପ୍ ଓ ଜଣ୍ଡିସ ସମ୍ପର୍କିତ ରିପୋର୍ଟ ମିଳିଥିବା ବେଳେ ଆର (ସିବିସି) ରିପୋର୍ଟ ଦେବାକୁ ଅସମର୍ଥ ହୋଇଥିଲେ ଦାୟିତ୍ୱରେ ଥିବା ଲ୍ୟାବ ଟେକ୍ନିସିଆନ୍। ଘଟଣା ବୁଝିବାରେ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିବା ଦ୍ୱିତୀୟ ରକ୍ତ ନମୁନା ଟିକୁ ନିଜ ଅବହେଳାରୁ ହଜାଇ ଦେଇଥିବା କିମ୍ବା ଖାମଖିଆଲ ମନୋଭାବ ଯୋଗୁ ପରୀକ୍ଷା କରିବାକୁ ଭୁଲି ଯାଇଥିଲେ। ତେଣୁ ନିଜ ଦୋଷ ଲୁଚାଇବାକୁ ଯାଇ ସଂଗୃହିତ ଦ୍ୱିତୀୟ ରକ୍ତ ନମୁନା ନଷ୍ଟ ହୋଇ ଯାଇଅଛି ବୋଲି ସଫେଇ ଦେଇଥିଲେ ଲ୍ୟାବ ଟେକ୍ନିସିଆନ ଏବଂ ପୁର୍ନବାର ନବଜାତ ଶିଶୁଠାରୁ ରକ୍ତ ଆଣିବାକୁ ଶିଶୁର ପରିବାର ଲୋକଙ୍କୁ କୁହା ଯାଇଥିଲା । ତେବେ ଏପରି ଅବହେଳା ପାଇଁ ଦାୟୀ କିଏ। ରକ୍ତ ନମୁନା ସଂଗ୍ରହ ପାଇଁ ଗୋଟିଏ ନବଜାତ ଶିଶୁର କୋମଳ ଶରୀରରେ ବାରମ୍ବାର ଛୁଞ୍ଚି ଫୋଡ଼ିବା କେତେ ଦୂର ଠିକ୍, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ନବଜାତ ଶିଶୁର ପରିବାର ଲୋକେ। ଏ ନେଇ ଦାୟିତ୍ୱରେ ଥିବା ପରୀକ୍ଷାଗାର ଅଧିକାରୀଙ୍କୁ ପଚାରିବାରେ ରକ୍ତ ନମୁନା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ମେସିନ୍ ଅଧାରୁ ଖରାପ ହୋଇଯିବା କାରଣରୁ ଉକ୍ତ ରକ୍ତ ନମୁନାକୁ ପରୀକ୍ଷା କରିବାରେ ବିଳମ୍ବ ହୋଇଥିଲା, ଯାହା ଫଳରେ ସଂଗୃହିତ ରକ୍ତ ନମୁନା ନଷ୍ଟ ହୋଇ ଯାଇଥିଲା ବୋଲି ସଫେଇ ଦେଇଥିଲେ। ତେବେ ଏହା ବାବଦରେ ବରିଷ୍ଠ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ହୀରାକୁଦ ବନ୍ଧ ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ସମ୍ବନ୍ଧେ ସର୍ବସାଧାରଣଙ୍କ ପାଇଁ ସୂଚନା

**ଅନୁଗୋଳ,(ମହାଭାରତ) :** ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଏତଦ୍ୱାରା ହୀରାକୁଦ ବନ୍ଧ ତଳ ମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଆସନ୍ତା ୨୮/୦୭/୨୦୨୪ ସମୟ ସକାଳ ୯ ଘଣ୍ଟା ସମୟରେ ହୀରାକୁଦ ଜଳଭଣ୍ଡାର ରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ । ଏଥିଯୋଗୁଁ ମହାନଦୀ ଓ ତାର ଶାଖା ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଇବ । ତେଣୁ ନଦୀ ମଧକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ

## ପାରାଦୀପ ସହର ସ୍ୱଚ୍ଛତା ପାଇଁ ତିନି ଆବର୍ଜନା ଗାଡି ସାମିଲ

**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦର ସହରର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ରକ୍ଷା ପାଇଁ ତିନି ଗୋଟି ନୂଆ ଟାଟା ଏସିଲ ଗୋଲ୍ଡ ଗାଡି ସାମିଲ ହୋଇଛି । ପାରାଦୀପ ଠାରେ କାର୍ଯ୍ୟ କରୁଥିବା ଏନଆର୍ଏଲ୍ ଶିଳ୍ପସଂସ୍ଥା ପକ୍ଷରୁ ପାରାଦୀପ ପୌରପାଳିକାକୁ ଏହି ତିନି ଗୋଟି ନୂତନ ଅଳିଆ ପରିବହନ ଯାନ ପ୍ରଦାନ କରାଯାଇଛି।



ବିଜୟଚନ୍ଦ୍ରପୁର ଅଂଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପାରାଦୀପ ବନ୍ଦର ନିଷିଦ୍ଧାଂଚଳରୁ ଅଳିଆ ଆବର୍ଜନା ପରିବହନ ପାଇଁ ଏହା ସ୍ୱତନ୍ତ୍ର ଭାବେ ସହାୟକ ହେବ ବୋଲି ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗରପାଳ ବସନ୍ତ ବିଶ୍ୱାଳ, ପାଇପଲାଇନ୍ ଜିଏମ୍. ଏସ.କେ.ହୁସେନ୍, ଏନଆରଏଲ୍ ପ୍ରକଳ୍ପ ପରିଚାଳକ ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏନଆରଏଲ୍ ତାର ସିଏସଆର ଅର୍ଥ ଏହି କାର୍ଯ୍ୟରେ ବିନିଯୋଗ କରିଥିବାରୁ ନଗରପାଳ ପୌର ପରିଷଦ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ।

## ପାରାଦୀପ ବିଶ୍ୱକର୍ମା ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



**ପାରାଦୀପ,(ମହାଭାରତ) :** ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବ୍ୟବାହିତ ପୂର୍ବରୁ ପାରାଦୀପ ବନ୍ଦର ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଅନୁଷ୍ଠିତ ଏହି ବୈଠକରେ ପୌରହିତ୍ୟ କରିଥିଲେ ବନ୍ଦର ସଚୀବ ୟୁ.ଆର. ମୋହନରାଜୁ । ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ଡିଏସପି ସନ୍ତୋଷ ଜେନା, ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ବନ୍ଦର ବରିଷ୍ଠ ପ୍ରଶାସନିକ ଅଧିକାରୀ କେ. ଥିରୁମୁଲାର, ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପାରାଦୀପର ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତାମାନେ ଏହି ବୈଠକରେ ଯୋଗ ଦେଇ ପୌର ପ୍ରଶାସନ, ବନ୍ଦର ପ୍ରଶାସନ ଓ ପୋଲିସ୍ ପ୍ରଶାସନର ସହଯୋଗରେ ଚଳିତ ବର୍ଷର ପୂଜା ଶୃଙ୍ଖଳିତ ଭାବେ ହେବ ବୋଲି କହିଥିଲେ ।

## ହଷ୍ଟେଲରେ ଡ଼ାଇରିଆ, ମେଡିକାଲରେ ଭର୍ତ୍ତି ହେଲେ ଛାତ୍ରୀ



**କପ୍ତିପଦା(ମହାଭାରତ) :** କପ୍ତିପଦା -ହଷ୍ଟେଲରେ ଡ଼ାଇରିଆ, ଆକ୍ରାନ୍ତ ହେଲେଣି ୧୮ ରୁ ଅଧିକ, ମେଡିକାଲରେ ଭର୍ତ୍ତି। ଏଭଳି ଘଟଣା ଘଟିଛି କପ୍ତିପଦା ଶିକ୍ଷା ବ୍ଲକ ଅଧୀନ ବଡ଼ଖଲାଡି ଆଶ୍ରମ ବିଦ୍ୟାଳୟରେ। ଗତକାଲି ରାତିରେ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ଅଣ୍ଡା ଏବଂ ଭାତ ଖାଇଥିଲେ। ଏହା ପରେ ଆଜି ସକାଳ ସମୟରୁ କିଛି ହଷ୍ଟେଲ ଅନ୍ତେବାସୀଙ୍କ ମୁଣ୍ଡ ବୁଲାଇବା ସହିତ ଜ୍ୱର ହୋଇଥିଲା, ଏହା ସହିତ ଅନ୍ତେବାସିନୀ ମାନଙ୍କୁ ଝାଡା ହେବା ଆରମ୍ଭ ହୋଇଥିଲା। ଯାହା ପରେ ଛାତ୍ରୀ ମାନେ ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥ ୧୮ ଜଣ ଛାତ୍ରୀମାନଙ୍କୁ ମେଡିକାଲ ରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ପରେ ୧୦ ଜଣଙ୍କ ଅବସ୍ଥାରେ ସୁଧାର ଆସିବାରୁ ସେମାନେ ହଷ୍ଟେଲ କୁ ଫେରି ଯାଇଛନ୍ତି। ଅନ୍ୟ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ତେବେ ଡ଼ାଇରିଆ ବ୍ୟାପିବା କାରଣ ବାବଦରେ ମେଟ୍ରୋନଙ୍କୁ ପଚାରିଥିଲେ ସୁଦ୍ଧା ସେ କ୍ୟାମେରା ସାମ୍ନାରେ ମୁହଁ ଖୋଲି ନ ଥିଲେ। ଛାତ୍ରୀ ମାନଙ୍କ ଅବସ୍ଥାରେ ଏବେ ସୁଧାର ଆସୁଥିବା କହିଛନ୍ତି ଚିକିତ୍ସା କରିଥିବା ଡାକ୍ତର ।ଘଟଣା ସ୍ଥଳରେ ସ୍ୱାସ୍ଥ୍ୟ ବିଭାଗ ଦଳ, ମାନବ ସମାଜ ମଙ୍ଗଳ ଅଧିକାରୀ ଏବଂ ଗ୍ରାମ୍ୟ ଜଳ ପରିମଳ ଭିଭାଗ ର ଅଧିକାରୀ ପହଞ୍ଚି ଘଟଣାର ଯାଞ୍ଚ କରିଥିଲେ ।

## ସାପ ନେଲା ଦୁଇ ଭାଇ ଭଉଣୀଙ୍କ ଜୀବନ



**ଟିଟିଲାଗଡ,(ମହାଭାରତ) :** ସଇଁତଲା ଥାନା ବିବିନା ପଂଚାୟତ ଜାମପଦର ଗାଁ ରେ ଘଟିଛି ଅଭାବନିୟ ଘଟଣା ସାମ୍ନା କୁ ଆସିଛି , ସାପ କାମୁଡା ରେ ଦୁଇ ଭାଇ ଭଉଣୀ ଙ୍କ ଗଲା ଜୀବନ. ସୂଚନା ମତେ ଉକ୍ତ ଗାଁର ବିକାଶ ସାଗର ଙ୍କ ପୁଅ ଝିଅ ଓ ତାଙ୍କ ସ୍ତ୍ରୀ ଖାଇ ସାରିବା ପରେ ଶୋଇ ପଡି ଥିଲେ, ସକାଳୁ ଉଠିବା ପରେ ଦୁଇ ପୁଅ ଝିଅ ଙ୍କ ପାଟି ରୁ ଫେଣ ବାହାରୁ ଥିବା ନେଇ ଏକ ଅଟୋ ମାଧମରେ ସଇଁତଲା ଡାକ୍ତରଖାନା ରେ ଭର୍ତି କରି ଥିଲେ ହେଲେ ନାବାଳିକା ଝିଅ ମୋନିକା (୬ ବର୍ଷ )ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ. ନାବାଳକ ପୁଅ ଭାବଗ୍ରାହୀ (୯) ବର୍ଷ ଅତି ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କୁ ନେଉ ଥିବା ବେଳେ ବାଟରେ ମୃତ୍ୟୁ ହୋଇ ଥିବା ସୂଚନା ମିଳିଛି.ଅନ୍ୟପଟେ ପରିବାର ଲୋକେ ସାପ କାମୁଡ଼ି ଥିବା ସନ୍ଦେହ କରି ଘର ର ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଏକ ବକ୍ସ ରୁ ବିଶାକ୍ତ ସାପ ରହି ଥିବା ଦେଖିବାକୁ ପାଇବା ପରେ ସାପ ଧରାଳି ଡାକି ସାପକୁ ଉଦ୍ଧାର କରାଯାଇଛି.. ବିଷାକ୍ତ ସାପ ହେଉଛି କଲେର ସାପ ବୋଲି ଜଣାପଡିଛି.... ଖବର ପାଇବା ପରେ ସଇଁତଲା ଆରଆଇ ଅଜିତ ସାହୁ ପହଞ୍ଚି ତଦନ୍ତ କରିବା ପରେ ସରକାରୀ ସହାୟତା ୪ ଲକ୍ଷ ଟଙ୍କା ଦିଆ ଯିବ ବୋଲି କହିଁଛନ୍ତତି.ପୋଲିସ ର ଛାନ ଭିନ ଆରମ୍ଭ ହୋଇ ଥିବା ବେଳେ ଶବ ବ୍ୟବଛେଦ ରିପୋର୍ଟ ଆସିଲା ପରେ କାରଣ ଜଣା ପଡିବ..... ଘଟଣା କୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି...

## ଏ. ବରିଡା ଗ୍ରାମରେ ସର୍ପାଘାତରେ ଜଣେ ମୃତ

**ଆସିକା,(ମହାଭାରତ) :** କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଧୀନ ଏ. ବରିଡା ଗ୍ରାମରେ ବିଷଧର ସର୍ପା ଘାତରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଭାଟଖାଲି ଗ୍ରାମର ଶରତ ମହାପାତ୍ର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଶରତ ବୁଧବାର ଦିନ ନିଜ ଭଉଣୀ ଘରକୁ ଆସିଥିବା ବେଳେ ସେ ପଡୋଶୀ ଘର ଜଣେ ବ୍ୟକ୍ତିଙ୍କ ଘରେ ବିଶ୍ରାମ ନେଉଥିବା ସମୟରେ ବିଷାକ୍ତ ସର୍ପାଘାତ ର ଶିକାର ହୋଇଥିଲେ । ଫଳରେ ସେ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁବାର ଦିନ ଗୋଟାଏ ସମୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି । ଅନ୍ୟପଟେ ଶରତଙ୍କ ପତ୍ନୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇବା ସହ ସବ ବ୍ୟବଛେଦ କରାଯାଇଥିବା ଦେଖିବାକୁ ମିଳିଛି ।

## ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

**ଗଜପତି,(ମହାଭାରତ) :** ଜିଲ୍ଲା ଅଡବା ଥାନା ସାତଭଉଣୀ ଘାଟିରେ ଏକ ଟ୍ରାକ୍ଟର ଭାରଶ୍ୟାମ ହରାଇ ଘାଟି ରେ ଓଲଟି ପଡିଛି । ଯାହାର ଫଳରେ ଅଡବା ଥାନା ବାଲିଗଣ୍ଡା ଗ୍ରାମର ଶାଶୁନ୍ଦ୍ର ପାଟମାଝୀ ଙ୍କ ମୃତ୍ୟୁ ହୋଇଛି । ଅଡବା ପୋଲିସ ଶବ କୁ ଜବତ କରିବା ସହ ତଦନ୍ତ ଚଳାଇଛି । ସୂଚନା ପ୍ରକାରେ ଆଜି ଅପରାହ୍ନରେ ଏକ ଟ୍ରାକ୍ଟର ବ୍ରାହ୍ମଣୀ ଗାଁ ରୁ ଅଡବା ବାଲି ଆଣିବା ନିମନ୍ତେ ଆସୁଥିବା ବେଳେ ପାଣିଗଣ୍ଡା ନିକଟ ସାତଭଉଣି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଶାଶୁନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି ।



# ଜାତିଆଣକୁ ଆକ୍ଷେପ କରି ୧୦ ଜଣ ସ୍କୁଲ ଛାତ୍ର ଆହତ

## ଶିକ୍ଷକ ଓ ଦଶମ ଶ୍ରେଣୀର ଛାତ୍ରଙ୍କୁ ଲଗାଇ ତଳ ଶ୍ରେଣୀର ଛାତ୍ରଙ୍କୁ ମାଡ଼



**ନୟାଗଡ଼,(ମହାଭାରତ) :** ନୟାଗଡ଼ ସଦର ଥାନା ମାଛିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା। ବିଦ୍ୟାଳୟର ଦୁଇ ଶିକ୍ଷକ ନାଁରେ ଜାତିଆଣ ଆକ୍ଷେପ ଅଭିଯୋଗ ଆଣିଛନ୍ତି ବେଲବଣୀ ଗାଁର ୧୦ ଜଣ ଛାତ୍ର। ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ଦୁଇ ଶିକ୍ଷକ ଜାତିଆଣ ଆକ୍ଷେପ କରିବା ସହ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଙ୍କ ଦ୍ୱାରା ମାଡ଼ ମାରିଥିବା ସହ ଡ୍ରେସ ଚିରି ଥିବା ଅଭିଯୋଗ ହୋଇଛି। ଆହତ ହୋଇଥିବା ସମସ୍ତ ୧୦ ଜଣ ଛାତ୍ରଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଛି। ବେଲବଣୀ ଗାଁର ସମସ୍ତ ବାସିନ୍ଦା ହରିଜନ ଶ୍ରେଣୀର ହୋଇଥିବାରୁ ବିଦ୍ୟାଳୟରେ ଶିକ୍ଷକ ପିଲା ମାନଙ୍କୁ ନିଚଜାତି ମନଭାବ ରଖି ଜାତିଆଣ ଆକ୍ଷେପ କରିବା ସହ ପାଠପଢା ଦିଗରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ବିଦ୍ୟାଳୟର ଶ୍ରେଣୀ ଗୃହରେ ପାଠପଢା ବେଳେ ଅଲଗା ବସାଇବା ଏବଂ ପ୍ରାର୍ଥନା ସମୟରେ ଅଲଗା ଠିଆ କରାଇବା ଅଭିଯୋଗ କରିଛନ୍ତି ଛାତ୍ର ମାନେ। ଏହାକୁ ବେଲବଣୀ ଗାଁର ପିଲା ମାନେ ବିରୋଧ କରିବାରୁ ଆକ୍ରୋଶ ମୂଳକ ଭାବେ ବିଦ୍ୟାଳୟର ଦୁଇ ଶିକ୍ଷକ ଜାତିଆଣ ଆକ୍ଷେପ କରିବା ସହ ବଡ଼ ପିଲାଙ୍କୁ ଲଗାଇ ମାଡ଼ ମାରି ଆହତ କରିବା ସହ ଡ୍ରେସ ଚିରି ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ଅଭିଭାବକ ମାନେ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ଅଭିଭାବକ ସେପଟେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ମାଛିପଡ଼ା ବିଦ୍ୟାଳୟରେ ପୁଲିସ ମୃତାୟନ କରାଯାଇଛି। ଛାତ୍ର ମାନେ ଆଣିଥିବା ଅଭିଯୋଗ ର ସତ୍ୟାସତ୍ୟ ଜାଣିବା ପାଇଁ ପୁଲିସ ଏବଂ ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଇଛି। ସେପଟେ ଏହି ଘଟଣାରେ ବିଦ୍ୟାଳୟ ପକ୍ଷରୁ ପ୍ରତିକ୍ରିୟା ମିଳପାରିନାହିଁ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଭବାନିପାଟଣା,(ମହାଭାରତ) :** ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରେ ଆସନ୍ତା ୭୮ ତମ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ଜିଲ୍ଲପାଳଙ୍କ ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି ଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନଷ୍ଠାନର କର୍ମକର୍ତ୍ତା, ଦିବସ ପାଳନ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଗଣମାଧମ ପ୍ରତନିଧି ଉପସ୍ଥିତ ଥିଲେ । ଡି.ଆଇ.ପି.ଆର.ଓ ମନୋଜ କୁମାର ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ୧୪.୮.୨୦୨୪ ରିଖ ମଧରାତ୍ର ରେ ମଶାଲ ଶୋଭାଯାତ୍ରା, ସ୍ୱାଧୀନତା ଦିବସ ୧୫.୮.୨୦୨୪ ରିଖ ରେ ଦିନ ସକାଳ ଘ ୪.୩୦ ମି ସମୟରେ ରାମଧୂନ୍, ସକାଳ ଘ୬.୩୦ ମୀ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସହ ସହରସ୍ଥିତ



ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୭.୩୦ ମି. ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୯.୧୫ ମି. ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ଅଭିବାଦନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି । ବ୍ୟାରିକେଡିଂ, ରାସ୍ତା ଓ ନାଳନର୍ଦ୍ଦମା ସଫା ସୁତୁରା, ଟ୍ରାଫିକ ନିୟନ୍ତ୍ରଣ , ସାମୁହିକ ପ୍ୟାରେଡ୍, ଅଭିବାଦନ ମଞ୍ଚକୁ ସୁସଜ୍ଜିତ, ବିଭିନ୍ନ ଅନୁଷ୍ଠାନମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଅବକାରୀ,ବିଭିନ୍ନ ପ୍ରତିଯୋଗିତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା, ଜିଲ୍ଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ , ପିଇବା ପାଣି, ପ୍ରାଥମିକ ଚିକିତ୍ସା,ଆମ୍ବୁଲାନ୍ସ, କୋଠା ବାଡି ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୂଚାରୁରୂପେ ନିର୍ବାହ କରିବା ପାଇଁ ସଂପୃକ୍ତ ଆର୍ ଏଣ୍ଡ ବି, ପୌର ପରିଷଦ, ସ୍ୱାସ୍ଥ୍ୟ ,ପୋଲିସ୍, ଉଦ୍ୟାନ ବିଭାଗ, କ୍ରୀଡା ବିଭାଗ, ପି.ଏଚ୍. ଡି. , ଯୋଗାଣ ବିଭାଗ, ଅବକାରୀ ବିଭାଗ , ଶିକ୍ଷା ବିଭାଗ, ସମାଜ କଲ୍ୟାଣ , ସଂସ୍କୃତି ବିଭାଗ ଅଧିକାରୀ ଏବଂ ଦାତା ଅନୁଷ୍ଠାନଙ୍କୁ ଦାୟିତ୍ୱ ଦିଆଗଲା । ବିଦ୍ୟାଳୟସ୍ତର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସ୍ଥାନୀୟ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟରେ ଏବଂ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ କଲେଜ ସ୍ତର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆସନ୍ତା ୨୯ ତାରିଖ ଦିନ ଅନୁଷ୍ଠିତ ହେବ।ଚଳିତ ବର୍ଷ ପ୍ୟାରେଡ ରେ ୪୩ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ୟାରେଡ୍ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ୍ ୧୧/୦୮,ଏବଂ ୧୨/୦୮ ଅପରାହ୍ନ ଘ: ୦୨.୩୦ ମି ଏବଂ ୧୩/୦୮/୨୦୨୩ ସକାଳ ୦୮.୦୦ ଘ: ସମୟରେ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଉପସ୍ଥିତ ରହି ପ୍ୟାରେଡ ଅଭ୍ୟାସ କରିବେ । ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ କହିବା ସହ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱୟଂସମ୍ପୂର୍ଣ୍ଣ ଗାଡି ଚାଳନା ପରୀକ୍ଷା କେନ୍ଦ୍ରରେ ଆଉ ହେବନି ଦଲାଲ୍ ରାଜ୍

## ଅନଲାଇନ୍‌ରେ ହେବ ଗାଡ଼ି ଚାଳନା ପରୀକ୍ଷା

ନୟାଗଡ଼, ( ମହାଭାରତ ) : ପରିବହନ ବିଭାଗରେ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ବିଶେଷକରି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିବା ପାଇଁ ହେଉଥିବା ପରୀକ୍ଷାରେ ବ୍ୟାପକ ଲାଞ୍ଚ କାରବାର ହୁଏ। ତେଣୁ ଏହି ଜାଲିଆତିକୁ ବନ୍ଦ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ସ୍ୱୟଂସମ୍ପୂର୍ଣ୍ଣ ଗାଡ଼ି ଚାଳନା ପରୀକ୍ଷା କେନ୍ଦ୍ର (ଏଡିଟିଏସ୍)। ନୟାଗଡ଼ରେ ଖୁବ୍‌ଶୀଘ୍ର ଏଭଳି ଏକ କେନ୍ଦ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଠାରେ ଅତ୍ୟାଧୁନିକ ଡ୍ରାଇଭିଂ ଟ୍ରାକ୍ଟ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ପରିବହନ ବିଭାଗ ହସ୍ତାନ୍ତର କରିଛି।ଖୁବ୍‌ଶୀଘ୍ର



ଏହାକୁ ଉଦ୍ଘାଟନ କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟ ସରକାର ପ୍ରଥମେ ଏହି ବ୍ୟବସ୍ଥାକୁ ୧୯ଟି ଜିଲ୍ଲାରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ ଓ ରାଉରକେଲା ଅଞ୍ଚଳରେ ଏଡିଟିଏସ୍ ବ୍ୟବସ୍ଥା ଉଦ୍ଘାଟନ ହୋଇସାରିଲାଣି। ବାକି ଜିଲ୍ଲାଗୁଡ଼ିକରେ ଜୋରଦାର୍ କାମ ଚାଲିଛି। ଖୁବ୍‌ଶୀଘ୍ର ଏହାକୁ ଶେଷ କରାଯାଇ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବା ପାଇଁ ଏମ୍.ଓ.ୟୁ ହୋଇଥିବା ପୁଣେର ଏକ ଘରୋଇ କମ୍ପାନିକୁ ହସ୍ତାନ୍ତର କରାଯିବ। ଏହା ପରେ କମ୍ପାନି ଏହି ଡ୍ରାଇଭିଂ ପରୀକ୍ଷା ଟ୍ରାକ୍ରେ ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କ୍ୟାମେରା ଲଗାଇବ। ଏହି କ୍ୟାମେରା ଦ୍ୱାରା ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ପରୀକ୍ଷା ଦେବାକୁ ଆସିଥିବା ଚାଳକ ମାନଙ୍କ ସମସ୍ତ ଗତିବିଧି ଯେମିତିକି ସିଟ୍ ବେଲଟ୍ ପିନ୍ଧିଛନ୍ତି କି ନାହିଁ, ଗାଡ଼ି ଟ୍ରାକ୍ରେ ଚାଲୁଛି ନା ବାହାରକୁ ଆସୁଛି, ଏ ସମସ୍ତ କାର୍ଯ୍ୟକୁ ରେକର୍ଡ କରାଯିବ। ଯଦି ନିୟମ ମୁତାବକ ସବୁକିଛି ଠିକ୍ ଥାଏ, ତେବେ ଉକ୍ତ ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ଯେହେତୁ ଏ ସମସ୍ତଙ୍କ କାର୍ଯ୍ୟ ଅନ୍ଲାଇନରେ କରାଯିବ, ସେଥିପାଇଁ ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିପାରିବ। ଯଦି ନିର୍ଦ୍ଧାରିତ ସମୟରେ ଏମ୍.ଓ.ୟୁ ସ୍ୱାକ୍ଷର ହୋଇଥିବା କମ୍ପାନିକୁ ଏହି ଜାଗା ହସ୍ତାନ୍ତର କରାନଯାଏ, ତେବେ ସେଠାରେ ଆଉ ଏଡିଟିଏସ୍ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ। ଏ ନେଇ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା କହନ୍ତି ଯେ, ଆର୍‌ଆଣ୍ଡବି ବିଭାଗରେ ସମସ୍ୟା ଯୋଗୁ ଏହି ଟ୍ରାକ୍ ନିର୍ମାଣରେ ସାମାନ୍ୟ ବିଳମ୍ବ ହୋଇଥିଲା। ଏବେ ସମ୍ପୂର୍ଣ୍ଣ କାମ ଶେଷ ହେବା ପରେ ଗତ ୨୦ ତାରିଖରୁ ଏହାକୁ ଉକ୍ତ କମ୍ପାନିକୁ ହସ୍ତାନ୍ତର କରିଦିଆଯାଇଛି। କେବଳ ସାମାନ୍ୟ କାମ ଯେମିତିକି ଟ୍ରାକ୍ରେ ରଙ୍ଗ କରିବା ଲଗାତର ବର୍ଷା ଯୋଗୁ ବାକି ଅଛି। ଖୁବ୍‌ଶୀଘ୍ର ଏହି ଯୋଜନା ଆରମ୍ଭ ହେବ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ନୟାଗଡ଼ ବି ସାମିଲ୍ ହୋଇପାରିଛି।

# ଲକ୍ଷ ଲକ୍ଷ ଟଙ୍କା ର ପଥପ୍ରାନ୍ତ ସୁବିଧା କେନ୍ଦ୍ର ଲୋକଙ୍କ କାମରେ ଆସୁନି

ରେଙ୍ଗାଲି(ମହାଭାରତ)ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ୱପ୍ନେ ରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ ଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଆଜି ବି ଠିକ ସେ ଲୋକଙ୍କ କାମରେ ଆସୁନି । ୨୦୧୮ ରୁ କାମ ହୋଇ ୨୦୨୪ ସରିବାକୁ ବସିଲାଣି ତଥାପି କାମ ରେ ଆସୁନି ପଥପ୍ରାନ୍ତ ସୁବିଧା କେନ୍ଦ୍ର । ନିମ୍ନ ମାନର କାମ ସାଙ୍ଗକୁ ଏ ବ୍ୟବସ୍ଥା ପ୍ରତ୍ୟେକ ଯାତ୍ରୀ ଙ୍କୁ ଦ୍ୱନ୍ଦ ରେ ପକାଉଛି । ଏ ଦୃଶ୍ୟ କୁ ଟିକେ ଭଲ ଭାବରେ ଦେଖନ୍ତୁ ଏ ହେଉଛି ସମ୍ବଲପୁର ରେଙ୍ଗାଲି ସ୍ୱପ୍ନେ ପାଖରେ ଥିବା ପଥପ୍ରାନ୍ତ ର ଦୃଶ୍ୟ ଅଟେ । ଆଉ ଏହି ପଥପ୍ରାନ୍ତ ଲୋକଙ୍କ କାମରେ ଆସୁନି ବିଭାଗୀୟ ଅଧିକାରୀ ସବୁ ଦେଖି ଜାଣି ଶୁଣି ନିରବ ରହୁଛନ୍ତି ବୋଲି ଲୋକେ ମତ ପ୍ରକାଶ କରୁଛନ୍ତି । କଥାରେ ନାହିଁ ଈସରକାର କା ମାଲ ଦରିୟା ମେ ଡାଲ। ଭଳି ଦୃଶ୍ୟ ଦେଖିବା କୁ ମିଳୁଛି କାରଣ ଦୀର୍ଘ ଦିନ ହେବ ଏଠାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଆଶ୍ରୟ ସ୍ଥଳୀ ଥାଇ ଲୋକଙ୍କୁ ଆଶ୍ରୟ ଠିକ ସେ ମିଳୁନି ଫେନ ଝୁଲୁଛି ହେଲେ ଲାଇଟ ଫେନ ଠିକ ସେ ଚାଲୁନି । ପ୍ରତିଦିନ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟୁଛି । ଆଉ ପ୍ରଶାସନିକ ଅଧିକାରୀ ନିରବ ରହୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଗାଡି ମଟର ସାଙ୍ଗକୁ ଦୂର ଦୁରାନ୍ତ ଅନ୍ୟ ରାଜ୍ୟ ର ଲୋକମାନଙ୍କ ର ମଧ୍ୟ ଗମନା ଗମନ ରହିଥାଏ । ସମସ୍ତେ ଏହି ପ୍ରଥପ୍ରାନ୍ତ ଉପରେ ନିର୍ଭର କରି ଥାନ୍ତି କିନ୍ତୁ ପ୍ରଶାସନିକ ଅଧିକାରୀ ଙ୍କ ଖାମ ଖିଆଲି ମନୋଭାବ ଯୋଗୁ ବିଭିନ୍ନ ସମୟ ରେ ଲୋକେ ନାନା ସମସ୍ୟା ଦେଇ ଗତି କରୁଛନ୍ତି । ରେଙ୍ଗାଲି ସମେତ ଦୂରଦୁରାନ୍ତ ଲୋକଙ୍କ ଆଶା ଥିଲା ସ୍ୱପ୍ନେ ରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ହେଲେ ଜନସାଧାରଣ ରାତ୍ରି ହେଉ ଅବା ଦିନବେଳେ ଲୋକେ ଆଶ୍ରୟ ଟିକେ ନେଇ ପାରିବେ ହେଲେ ଦୁର୍ଭାଗ୍ୟ ର ବିଷୟ ଆଜି ପର୍ଯ୍ୟନ୍ତ ଠିକ ସେ ଲୋକଙ୍କ କାମରେ ଆସିପାରୁନି ପଥପ୍ରାନ୍ତ ସୁବିଧା କେନ୍ଦ୍ର । କିଏ ଗଲା ଆସିଲା ବେଳେ ଟିକେ ଆଶ୍ରୟ ନେବା ଚାହାଁଲେ ଆଶ୍ରୟ ସ୍ଥଳୀ କୁ ଦେଖି ମୁହଁ ଫେରାଇ ଦୁଃଖରେ ଚାଲି ଯାଉଛନ୍ତି ଆଉ ପ୍ରଶାସନିକ ଅଧିକାରୀ ଙ୍କୁ ଲୋକେ ବାରମ୍ବାର ଅଭିଯୋଗ କି ଗୁହାରି କଲେ ମଧ୍ୟ ଫଳ ଶୂନ ଦେଖିବାକୁ ମିଳୁଛି ସବୁ ଜାଣି ଶୁଣି ବିଭାଗୀୟ ଅଧିକାରୀ ନିରବ ହୋଇ ରହୁଥିବାରୁ ଆଜିଯାଏଁ ଠିକ ସେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ରେ ଲୋକେ ସୁବିଧା ଟିକେ ପାଇ ପାରିଲେ ନାହିଁ ବୋଲି ସ୍ଥାନୀୟ ଅଂଚଳ ର ବୁଦ୍ଧିଜିବି ମାନେ ମତ ପ୍ରକାଶ କରୁଛନ୍ତି । ଦେଖାଯାଉ କେବେ ପ୍ରଶାସନ ତତ୍ପର ହେବ ଆଉ ଲୋକେ ଏହାର ସୁବିଧା ପାଇପାରିବେ ।ଯଦି ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନ ହୁଏ ତା ହେଲେ ଏହା ଖଳ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିବ । ଦେଖାଯାଉ କେବେ ସଚେତନ ହେବେ ବିଭାଗୀୟ ଅଧିକାରୀ ତାକୁ ହିଁ ଅପେକ୍ଷା।

# ବ୍ଲକ ସ୍ତରୀୟ ଭାରତ ସ୍କାଉଟ ଗାଇଡ଼ ପ୍ରାକ ରାଜ୍ୟପୁରସ୍କାର ତାଲିମ ଶିବିର ଅନୁଷ୍ଠିତ



ଆସିକା (ମହାଭାରତ):ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଭାରତ ସ୍କାଉଟ ଗାଇଡ଼ ରାଜ୍ୟପାଳ ପୁରସ୍କାର ପରୀକ୍ଷା ସକାଶେ ପ୍ରାକ ତାଲିମ ଶିବିର ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ତାଲିମ କମିସନର ବିକ୍ରମ ମହାରଣା ଙ୍କ ତ□ବଧାନ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଆରୀୟାନ ପବ୍ଲିକ ସ୍କୁଲ, ହରିହର ଉଚ୍ଚ ବିଦ୍ୟାଳୟ, କବିସୂର୍ଯ୍ୟନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଜଗମୋହନ ୟୁ ଯି ହାଇସ୍କୁଲ,ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବଡପଡା, ଓଡିଶା ଆଦର୍ଶ ବିଦ୍ୟାଳୟ ଜିଲୁଣ୍ଡିପଲ୍ଲୀ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭଞ୍ଜନଗର ଆଦି ବିଦ୍ୟାଳୟ ର ୧୯୦ ରୁ ଉର୍ଦ୍ଧ ସ୍କାଉଟ ଗାଇଡ଼ ଉପସ୍ଥିତ ଥିଲେ। ଏହି ଶିବିରରେ ପ୍ରଥମେ ସ୍କାଉଟ ପତାକା ଉତ୍ତୋଳନ କରାଯାଇଥିଲା ପରେ ସ୍କାଉଟ ଇତିହାସ, ସ୍କାଉଟ ଗାଇଡ଼ ଲ, ସ୍କାଉଟ ଗାଇଡ଼ ପ୍ରମିସ,ମୋଟୋ, ଝଣ୍ଡା ଗୀତ, ପ୍ରାଥନା, ଫାଷ୍ଟଏଡ଼,ନଟିଙ୍ଗ, ଏସ୍ଟିମେଶନଆଦି ବିଷୟରେ ତାଲିମ ଦିଆଯାଇଥିଲା ।ଏହି ଶିବିରରେ ପ୍ରଶିକ୍ଷକ ଭାବେ ଜିଲ୍ଲା ଅର୍ଗାନାଇଜିଙ୍ଗ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା, ଟ୍ରେନର ରାଜେଶ ପାତ୍ର, ରାଜ୍ୟ ସଦସ୍ୟ ଭାସ୍କର ରଣା ସ୍କାଉଟ ଗାଇଡ଼ ମାନଙ୍କୁ ତାଲିମ ଦେଇଥିଲେ । ଏହି ଶିବିରକୁ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ସହକାରୀ ଅର୍ଗାନାଇଜିଙ୍ଗ କମିସନର ଧୀର ସମୀର ପାଣିଗ୍ରାହୀ, ସହକାରୀ ଜିଲ୍ଲା ତାଲିମ କମିଶନର ଅରୁଣ ପଟ୍ଟନାୟକ, ଜ୍ଞାନେନ୍ଦ୍ର ସିଂ, ମନୋରଞ୍ଜନ ରଥ, ଶୁଭେନ୍ଦୁ ମିଶ୍ର,ସନ୍ତୋଷ କୁମାର ସ୍ୱାଇଁ,କାଳୁଚରଣ ସ୍ୱାଇଁ ଗାଇଡ଼ କ୍ୟାପଟେନକାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁ, ଗୀତାଞ୍ଜଳି ସାବତ, ଭାରତୀ କୁମାରୀ ଷଡ଼ଙ୍ଗୀ, ନର୍ମଦା ସ୍ୱାଇଁ, ସଂଘମିତ୍ରା ସେଠି, ମାଧୁରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଦମ୍ପତିଙ୍କ ଠାରୁ ନେଇଗଲେ ନଗଦ ୧ ଲକ୍ଷ ୭୦ ହଜାର ଟଙ୍କା

ବେଗୁନିଆ,,(ମହାଭାରତ): ଆସିଲେ କଳା ପଲସର ଗାଡ଼ିରେ ବନ୍ଧୁକ ଓ ଭଙ୍ଗା କାଚ ବୋତଲ ଦେଖାଇ ଦମ୍ପତିଙ୍କ ଠାରୁ ନେଇଗଲେ ନଗଦ ୧ ଲକ୍ଷ ୭୦ ହଜାର ଟଙ୍କା ଏହିତ ଦୁଇଟି ଲାପଟପ, କେତେକ ବ୍ୟାଙ୍କ୍ କାଗଜପତ୍ର, ବାୟୋମେଟ୍ରିକ ମେସିନ ଓ ସ୍କୁଟି ଏ ନେଇ ନବ ଦମ୍ପତି ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କଲେ ଥାନାରୁ ପୁଲିସ ଗଲେ ତଦନ୍ତ କଲେ । ହେଲେ ଆଜିକୁ ଦେଢ଼ ମାସ ବିତି ଗଲାଣି ହେଲେ ଦମ୍ପତି ଚୋରି ସାମଗ୍ରୀ ଉଦ୍ଧାରର କୌଣସି ସୁଫଳ ପାଇଲେନି ଆଜି ଏହି ଦମ୍ପତି ଅସହାୟ ହୋଇ ନ୍ୟାୟ ପାଇଁ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଛନ୍ତି। ସୂଚନା ମୁତାବକ ବେଗୁନିଆ ବ୍ଲକ ଅଧୀନ କୁଞ୍ଜୁରୀ ପଞ୍ଚାୟତ ଗୋଡ଼ି ସାହି ଗ୍ରାମର ବଳରାମ ବେହେରା ସ୍ଥାନୀୟ ଗୁଡୁମ ବ୍ୟାଙ୍କ ଅଫ ବରୋଦା ଶାଖାରେ ଅସ୍ଥାୟୀ ବିସି ରୂପେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ରୀନାରାଣୀ ବେହେରା ସେହି ବ୍ୟାଙ୍କରେ ବ୍ୟାଙ୍କ ମିତ୍ର ରୂପେ ଦୀର୍ଘ ୧୧ ବର୍ଷ ହେବ କାର୍ଯ୍ୟ କରୁଛନ୍ତି । ଜୁନ ମାସ ୬ ତାରିଖରେ ସବୁଦିନ ଭଳି ଅପରାହ୍ଣ ସାଢେ ୪ଟା ସମୟରେ ସ୍ୱାମୀସ୍ତ୍ରୀ ବ୍ୟାଙ୍କରୁ ନିଜ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ କୋକସିଂହ ଗ୍ରାମ କାଜୁ ଜଙ୍ଗଲ ନିକଟରେ କଳା ପଲସରରେ ୩ ଜଣ ଅଜଣା ଯୁବକ ହଠାତ ଆସି ଦମ୍ପତିଙ୍କୁ ଅଟକାଇ ବନ୍ଧୁକ ଓ ଭଙ୍ଗା କାଚ ବୋତଲ ଦେଖାଇ ନଗଦ ୧ ୧ ଲକ୍ଷ ୭୦ ହଜାର ଟଙ୍କା, ୨ ଟି ଲାପଟପ, ବାୟୋମେଟ୍ରିକ ମେସିନ, ଗୋଟିଏ ସ୍କୁଟି ଲୁଟି ନେଇଥିଲେ । ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସି କେସ ନମ୍ବର ୧୪୦ ୨୪ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପର ଦିନ ବୋଲଗଡ଼ ଅଞ୍ଚଳରୁ ଖବର ପାଇ ସ୍କୁଟିଟି ଦମ୍ପତି ଉଦ୍ଧାର କରିଥିଲା ବେଳେ ଆଜି ପର୍ଯ୍ୟନ୍ତ ଅନ୍ୟ ସାମଗ୍ରୀ ପାଇପାରି ନାହାନ୍ତି ସଦର ଥାନା ଏହି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଦମ୍ପତିକୁ ନ୍ୟାୟ ମିଳିପାରି ନାହିଁ। ଆଜି ଖୋର୍ଦ୍ଧା ଏସ୍ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତ।

# ମଲ୍ଲୀପଶି ବାହୁଡା ଯାତ୍ରା ରୁ ବାଇକ ଚୋରି ଅଭିଯୋଗ ରେ ୨ଜଣ ଗିରଫ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ବାହାଡା ଯାତ୍ରାରେ ଏକ ବାଇକ ଚୋରୀ ହୋଇ ଥିଲା। ବାଇକ ଚୋରି ହୋଇ ଥିବା ବ୍ୟକ୍ତି ଜଣକ ଘଟଗାଁ ବ୍ଲକ ବାଲିଯୋଡି ଗ୍ରାମର ମାଧବାନନ୍ଦ ନାଏକ ତାଙ୍କ ହୋଣ୍ଡା ପଲସର ବାଇକ କୁ ରାସ୍ତା କଡରେ ଛିଡ଼ା କରି ବାହୁଡା ଯାତ୍ରା ଦେଖିବା ଯାତ୍ରା ଭିତର କୁ ଯାଇଥିବା ସମୟରେ ବାଇକ ଟି ଚୋରି ହୋଇଥିଲା । ଏନେଇ ମାଧବାନନ୍ଦ ପାଟଣା ଥାନାରେ ବାଇକ ଚୋରି ନେଇ ଏକ ଅଭିଯୋଗ କରିଥିଲେ। ପାଟଣା ପୋଲିସ ଅଭିଯୋଗ ଅନୁସାରେ ଘଟଣା ର ତଦନ୍ତ କରି ପର୍ଦ୍ଦାଫାସ କରିଛି। ବାଇକ ଚୋରି ଘଟଣା ରେ ବଡପାଟଣା ଗ୍ରାମ ର ସିପୁ ଓରଫ ରଞ୍ଜନ କାରୁଆ ଓ ସୁଶାନ୍ତ କାରୁଆ କୁ ପାଟଣା ପୁଲିସ ଗିରଫ କରିବା ସହ ତାଙ୍କ ଠାରୁ ଚୋରି ବାଇକ ଉଦ୍ଧାର କରିଛି। ପାଟଣା ଥାନା ଏକ ୨୬୨/୨୪ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଅଧିନ ରେ ଥିବା ରାସ୍ତା ପାଲଟିଛି ମରଣଯନ୍ତା,

ମୁଖୀ ଗୁଡ଼ା/ଜୟପାଟଣା (ମହାଭାରତ):-କଳାହାଣ୍ଡି ଜିଲ୍ଲା ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ କେନ୍ଦ୍ର, ମୁଖୀ ଗଡ଼ା ପାଇଁ ପ୍ରତି ବର୍ଷ ସରକାର ଙ୍କ ଅନୁଦାନ ରୁ କୋଟି କୋଟି ଟଙ୍କା ଆସୁଛି ସତ ହେଲେ ସେହି ଟଙ୍କା ସଠିକ୍ ଜାଗା ରେ ବିନିଯୋଗ ହୋଇ ପାରୁନାହିଁ କି ନିଜ ଏରିଆ ର ଉନ୍ନତି କରଣ ମଧ୍ୟ ହେଉ ନାହିଁ। ହେଲେ ଏହି ପ୍ରକଳ୍ପ ଅଧିନରେ ଥିବା କାଳି ମନ୍ଦିର ଛକ ଠାରୁ ମାୟା ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ଛୋଟ ଠୁ ବଡ ଖାଲ ଖମାରେ ଭର୍ତ୍ତି ରାସ୍ତା ଯୋଗୁଁ ଲୋକମାନଙ୍କ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳିଛି। ବର୍ଷା ପାଣି ଜମି ରହିବା ଦ୍ୱାରା ବେହାଲ୍ ସ୍ଥିତିୟ ବିପଦ ଜନକ ସ୍ଥିତି ରେ



ରାସ୍ତା ଖାଲ ଖମାରେ ଉର୍ତ୍ତି ହୋଇ ଥିବା ରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ପ୍ରତି ଇନ୍ଦ୍ରାବତୀ ଜଳ ବିଦ୍ୟୁତ କେନ୍ଦ୍ର, ମୁଖୀ ଗୁଡ଼ା କର୍ତ୍ତୃପକ୍ଷ ଅଣଦେଖା କରିବା ସହ ପ୍ରକଳ୍ପ ଅଧିନ ରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ର ଅଭିଯୋଗ ରାସ୍ତା ପାର ହେଉଛନ୍ତି ଲୋକେ ଓ ଛାତ୍ରଛାତ୍ରୀ ।ଏହି ରାସ୍ତା ଦେଇ ପ୍ରତିଦିନ ସ୍ୱାସ୍ଥ୍ୟ କେନ୍ଦ୍ର, ମନ୍ଦିର ,ମାର୍କେଟ, ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଲୋକମାନେ ରାସ୍ତା ରେ ଚାଲିବା ପାଇଁ ନିର୍ଭର କରି ଥାନ୍ତି। ଏହି ରାସ୍ତା କୁ ପୁନଃ ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏହି ରାସ୍ତା ଅନେକ ପଡା କୁ ସଂଯୋଗ କରୁଛି। ମଧ୍ୟ ଗ୍ରାମବାସୀ ଆଣିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ କେନ୍ଦ୍ର, ମୁଖୀ ଗୁଡ଼ା କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛି ।

# ଆସିକା ଚିନିଶିଳ୍ପ କର୍ମଚାରୀ ସଙ୍ଘ ଜୋନ ସଭ୍ୟ ନିର୍ବାଚିତ

ଆସିକା (ମହାଭାରତ): ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଙ୍ଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନ ରେ ୧୫ ଜଣ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଆଜି ଚିନି ଶିଳ୍ପ ଭବନଠାରେ ଏହି ନିର୍ବାଚନ ସକାଳ ୮ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ସକାଶେ ସଙ୍ଘର ମୋଟ ୧୫ ଟି କାର୍ଯ୍ୟକାରୀ ପଦ ସକାଶେ ମୋଟ ୧୭ ଜଣ ପ୍ରତିଦ୍ୱନ୍ଦିତା କରିଥିଲେ । ନିର୍ବାଚିତ ସଭ୍ୟ ମାନେ ହେଲେ କପିଳେଶ୍ୱର ଜେନା, ଶିବରାମ ରାଉଳ, ବିଜୟ କୁମାର ନାହାକ, ଏସ. ନାଗେଶ୍ୱର ରାଓ, ସୁବାଷ ଚନ୍ଦ୍ର ନାଇକ, ଟୁନା ବିଶ୍ୱାଳ, ହରିବନ୍ଧୁ ବାରିକ, ସୁବାଷ ଚନ୍ଦ୍ର ପାତ୍ର, ସନ୍ତୋଷ ଗୌଡ଼,( ଏନ ଏମ ଆର ), ସୁରଜ କୁମାର ଗୌଡ଼, ତ୍ରିନାଥ ବେହେରା, ପ୍ରିୟବ୍ରତ ପାତ୍ର, ଅନ୍ତର୍ଯ୍ୟାମୀ ନାହାକ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଏମ. ରାମ ବାବୁ ଦୋରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

# ନଦୀ ଘାଟ ପରିଦର୍ଶନ ଓ ସୁରକ୍ଷା ତଦାରଖ କଲେ ତହସିଲଦାର



ପରଜଙ୍ଗ(ମହାଭାରତ)ପରଜଙ୍ଗ ତହସିଲ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ପାଲସାହି ବ୍ରାହ୍ମଣୀ ନଦୀକୂଳରେ ଥିବା ଡଙ୍ଗାଘାଟ କୁ ପରଜଙ୍ଗ ତହସିଲଦାର ମଦନମୋହନ ଜେନା ପରିଦର୍ଶନ ଓ ସୁରକ୍ଷା ତଦାରଖ କରିଛନ୍ତି। ଗତ ବୁଧବାର ସରକାରୀ ସିକୃତିପ୍ରାପ୍ତ ଡଙ୍ଗା ଘାଟର ସଠିକ୍ କାଗଜ ପତ୍ର ଯାଞ୍ଚ କରି ପରିଦର୍ଶନ କରିଥିଲେ। ଏବଂ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସଠିକ୍ ଭାବେ ପାଉଣା ଯାତ୍ରୀଙ୍କ ନିକଟରୁ ହେଉଛନ୍ତି ନା ନାହିଁ ଯାତ୍ରୀଙ୍କ ଠାରୁ ବୁଝିଥିଲେ ତାହାଡ଼ିଦାର। ଏବଂ ଆଗାମୀ ଦିନରେ ବର୍ଷା ପାଇଁ ଜଳସ୍ତର ବଢ଼ିବାର ଆଶଙ୍କା ଥିବାରୁ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି ଯାଞ୍ଚ କରିଥିବା ବେଳେ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ ଦିନେଶ କୁମାର ସିଂ,ସରକାରୀ ସିକୃତିପ୍ରାପ୍ତ ଡଙ୍ଗା ଘାଟର ଚାଳକ ଓ କିଛି ଯାତ୍ରୀ ମାନେ ଘାଟରେ ଉପସ୍ଥିତ ଥିଲେ।

# ବିଭିନ୍ନ ଅଞ୍ଚଳରେ ସଚେତନ କାର୍ଯ୍ୟକ୍ରମ

ବିଷମ କଟକ: ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ର ବିଭିନ୍ନ ଗ୍ରାମ ରେ ବ୍ଲକ୍ ପ୍ରଶାସନ ତରଫରୁ ବ୍ଲିଚିଙ୍ଗ ପାଉଡରଞ୍ଚନ କରି ଲୋକଙ୍କୁ ସୋଚେତନ କରାଯାଇଛି । ମୁଖ୍ୟ ତ ବର୍ଷା ଦିନ ହୋଇଥିବା ରୁ ଡେଙ୍ଗୁ, ମେଲେରିଆ,ହୋଇଯା, ଭଳି ମାରାତ୍ମୋକ ରୋଗ କୁ କିପରି ରୋକା ଯାଇପାରିବ ସେ ନେଇ ସଚେତନ କରିବା ସହ ମଶାରୀ ବାନ୍ଧି ଶୋଇବା,ଘର ଆଖପାଖରେ ମଇଳା ଅବର୍ଜନା କୁ ସଫାକରିବା ,ଜମିଥିବା ପାଣି ସଫା କରିବା,ଜର,ଝାଡ଼ା ବାନ୍ତି ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଖାନା କୁ ଯିବା ପାଇଁ, ସରକାରି ହସ୍ପିଟାଲ୍ ରୁ କିଛି ଔଷଧ ଆଣି ନିଜ ପାଖରେ ରଖିବା ଇତ୍ୟାଦି ବିଷୟରେ ଗାଁ ଗାଁ ଯାଇ ଲୋକଙ୍କୁ ସଚେତନ କରଯାଇଥିଲା ।

# ନିଜ ପାଞ୍ଚବର୍ଷ ର ଝିଅକୁ ମାରିଦେବା ପରେ ବାପାର ଆତ୍ମହତ୍ୟା

## ପ୍ରଥମ ସ୍ତ୍ରୀ ର ମୃତ୍ୟୁ ପରେ ତିନି ମାସ ହେବ କରିଥିଲେ ଦ୍ୱିତୀୟ ବିବାହ

ନୟାଗଡ଼, ( ମହାଭାରତ ) : ପୁଣି ନୟାଗଡ଼ ରେ ଚାଞ୍ଚଲ୍ୟ ସୃଷ୍ଟି କରିଛି କୁନି ଝିଅ ପରୀ ର ମୃତ୍ୟୁ ର କାରଣ। ପୁଣି ଏକ ପାଞ୍ଚ ବର୍ଷ କୁନି ଝିଅ ପରୀ ର ବନ୍ଦ ଘର ଭିତରୁ ମିଳିଛି ମୃତ ଦେହ। ନୟାଗଡ଼ ସହର ଦେବୋତ୍ତର କଲୋନୀରେ ଦେଖାଯାଇଛି ଅଭାବନୀୟ ଘଟଣା। ବାପ ଝିଅଙ୍କ ମୃତ ଶରୀର ଠାବ କରିଛି ନୟାଗଡ଼ ପୁଲିସ। ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ କିଛି ମାସ ତଳେ ପୁଲକ୍ ବିଶ୍ୱାଳ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀ ଚାଲିଯିବା ପରେ ପୁଲକ୍ ଦ୍ୱିତୀୟ ବିବାହ କରିଥିଲେ ବି ଫେରି ଆସି ନ ଥିଲ ପ୍ରଥମ ସ୍ତ୍ରୀଙ୍କ ସହ ବିତାଇଥିବା ପୁରୁଣା ଖୁସି। ତେଣୁ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିବା ପୁଲକ୍ ଙ୍କୁ ପାରିଥିଲା ନିଜ କୁନି ଝିଅ ପରୀ ର ଚିନ୍ତାୟ ବାପା ମା' ନଥିବା ଛୁଆ ସଂସାରରେ କିପରି ବଞ୍ଚିବ ତାହା ତାଙ୍କୁ କଲବଲ କରିବାରୁ ନେଲେ ଚରମ ନିଷ୍ପତ୍ତି। ପ୍ରଥମେ ଝିଅକୁ ବିଷାକ୍ତ ପଦାର୍ଥ ଖୁଆଇ ପରେ ନିଜେ ଝୁଲି ପଡ଼ିଲେ ପୁଲକ୍। ଏପରି ଏକ ଲୋମଟାଙ୍କୁରା ଓ ଚାଞ୍ଚଲ୍ୟକର ଘଟଣା ନୟାଗଡ଼ ସହର ଦେବୋତ୍ତର କଲୋନୀ ଲେନ ନମ୍ବର ୪ ରେ ଘଟିଛି। ମୃତ ବାପ ଝିଅ ହେଲେ ପୁଲକ୍ ବିଶ୍ୱାଳ ଓ ତାଙ୍କ ୫ ବର୍ଷର ଝିଅ ପଲକ ବିଶ୍ୱାଳ ଓରଫ୍ ପରୀ। ପତ୍ନୀ ଓ ଝିଅଙ୍କୁ ନେଇ ପୁଲକ୍ ବିଶ୍ୱାଳଙ୍କ ସଂସାର ବେଶ ହସଖୁସିରେ ଚାଲିଥିଲା। ମାତ୍ର ଏକ ବର୍ଷ ପୂର୍ବେ ଅଚାନକ ପ୍ରଥମ ପତ୍ନୀଙ୍କ ଶାରୀରିକ ଅସୁସ୍ଥତା ଯୋଗୁ ମୃତ୍ୟୁ ହୋଇଯାଇଥିଲା। ପରେ ଘୋଟି ପୁଲକ୍ ଜୀବନ ରେ ଆସିଯାଇଥିଲା କଳା ବାଦଲ। ଝିଅକୁ ନେଇ କିପରି ବାକି ଜୀବନ କାଟିବେ ସେ ଚିନ୍ତା ରେ ୩ ମାସ ପୂର୍ବେ ଦ୍ୱିତୀୟ ବିବାହ କରିଥିଲେ ପୁଲକ୍। ଗତ କିଛି ଦିନ ତଳେ ଶାନ୍ତି କମିଟି ବୈଠକ ବସି କୁନୀ ଝିଅ ପରୀ ର ଭରଣ ପୋଷଣ ପାଇଁ ନିଷ୍ପତି ହୋଇଥିଲା। ଏହା ମଧ୍ୟରେ ପୁଲକ୍ ଦ୍ୱିତୀୟ ବିବାହ କରିଥିଲେ।ବିଗତ ସୋମବାର ଦିନ ପୁଲକ୍ ଙ୍କ ଦ୍ୱିତୀୟ ପତ୍ନୀବାପ ଘରକୁ ଯାଇଥିଲେ। ବାପ ଘରେ ୨ ଦିନ ରହି ନୟାଗଡ଼ ସ୍ଥିତ ସ୍ୱାମୀଙ୍କ ପାଖକୁ ଆସିବା ପରେ ଘର ଭିତରୁ କବାଟ ବନ୍ଦ ଥିଲା। ଭିତରୁ ତାଲା ପଡ଼ିଥିବା ଦେଖି ବହୁ ସମୟ ପର୍ଯ୍ୟନ୍ତ କବାଟ ବାଡେଇଥିଲେ। ପୁଲକ୍ ଦୁଇଟି ଫୋନ୍ କୁ କଲ୍ ମଧ୍ୟ କରିଥିଲେ। କିନ୍ତୁ ପୁଲକ୍ ଙ୍କ ଦୁଇଟି ଯାକ ଫୋନ୍ ଅଫ୍ ଥିବାରୁ ପତ୍ନୀ ଙ୍କ ସନ୍ଦେହ ବଢିଥିଲା। ପରେ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ ପୁଲକ୍ ଦ୍ୱିତୀୟ ସ୍ତ୍ରୀୟ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନୟାଗଡ଼ ଟାଉନ ଥାନା ପୁଲିସ ବିଳମ୍ବିତ ରାତିରେ ପହଞ୍ଚି ଘରର ତାଲା ଭାଙ୍ଗି ଘରେ ପଶିଥିଲା। ଘର ଭିତରେ ପୁଲକ୍ ଙ୍କ ମୃତ ଦେହ ଝୁଲନା ଅବସ୍ଥାରେ ଥିବା ବେଳେ ୫ ବର୍ଷର ଝିଅ ପରୀ ର ମୃତଦେହ ବେଡ୍ ଉପରେ ପଡ଼ିରହିଥିବା ପୁଲିସ୍ ଦେଖିବାକୁ ପାଇଥିଲା। କୁନୀ ଝିଅ ପରୀକୁ କୌଣସି ବିଷାକ୍ତ ଖାଦ୍ୟ ଦେବା ପରେ ପୁଲକ୍ ଆତ୍ମହତ୍ୟା କରିଥିବା ନେଇ ପୁଲିସ ଅନୁମାନ କରୁଥିବା ବେଳେ ସବୁଦିଗକୁ ନେଇ ତଦନ୍ତ ଜାରୀ ରଖିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାଯାଇଛି। ତେବେ ଏପରି ଚରମ ନିଷ୍ପତ୍ତି ନେବା ପଛର କାରଣ କ'ଣ ତାହା ଜାଣିବାକୁ ତଦନ୍ତ ଆରମ୍ଭ କରିଛି ନୟାଗଡ଼ ପୁଲିସ୍ । ପୁଲିସ୍ ପଲକ୍ ଙ୍କ ଦ୍ୱିତୀୟ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ବେଳେ ଆତ୍ମହତ୍ୟା ପଛର ସେପରି କୌଣସି ଠୋସ୍ କାରଣ ବାହାର କରି ପାରିନିୟ ତେବେ ସବୁ କିଛି ଠିକ୍ଠାକ ଚାଲିଥିଲେ ଜଣେ ବ୍ୟକ୍ତି କେବେ କି ନିଜ ଝିଅକୁ ମାରି ନିଜେ ଆତ୍ମହତ୍ୟା କରିବା ପରି ପଦକ୍ଷେପ ଗ୍ରହଣ କରିବ ବୋଲି ଆଲୋଚନା ହେଉଛି। ଘଟଣା ସ୍ଥଳରେ ପୁଲିସ ସାଇଣ୍ଟିଫିକ ଟିମ୍, ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ନୟାଗଡ଼ ଏସଡିପିଓ, ନୟାଗଡ଼ ଟାଉନ ଥାନା ଅଧିକାରୀ ଓ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତ। ଗତ ଦୁଇ ତିନି ଦିନ ତଳୁ ଏପରି ଘଟଣା ଘଟିଥିବା ଜଣା ପଡିଛି। କାରଣ ବାପ ଝିଅଙ୍କ ଶରୀର ଅଧା ନଷ୍ଟ ହେବା ପରି ଜଣା ପଡୁଛି। ଘଟଣା ସ୍ଥଳ ହଠାତ ଦୁର୍ଗନ୍ଧମୟ ହେଉଛି। ଶବ ବ୍ୟବଚ୍ଛେଦ ପରେ ଘଟଣା ସମାନାକୁ ଆସିପାରେୟ ପୁଲିସ ପକ୍ଷରୁ ସବୁ ଦିଗକୁ ନେଇ ଛାନଭିନ୍ ଆରମ୍ଭ ହୋଇଛି।

# ଦାନଗଦି ଅଞ୍ଚଳରେ ବଢ଼ୁଛି ଜବରଦଖଲ

## ଲକ୍ଷେ ଟଙ୍କା ଦେଲେ ମିଳୁଛି ସରକାରୀ ଜମି



**ଦାନଗଦି,(ମହାଭାରତ) :** ଦାନଗଦି ତହସିଲ ଅଞ୍ଚଳରେ ଦିନକୁ ଦିନ ଜଦରଦଖଲ ବଢ଼ିବାରେ ଲାଗିଛି । ଯାହାକି ପ୍ରଶାସନର ଚିନ୍ତା ବଢ଼ିବାରେ ଲାଗିଛି । ବ୍ୟାପକ ଶିଳ୍ପ ସଂସ୍ଥା ଯୋଗୁଁ ଶ୍ରମିକ ଓ କର୍ମଚାରୀ ଦାନଗଦି ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି । ଫଳରେ ଦାନଗଦିରେ ଉଡ଼ାପର ମିଳିବା କଷ୍ଟକର ହୋଇପଡ଼ିଛି । ଦାନଗଦି ତହସିଲ ଅଧୀନରେ ଥିବା ବ୍ରିଜଙ୍ଗା ପଞ୍ଚାୟତ ସମେତ ମଙ୍ଗଳପୁର, ଖପୁରା, ମାନତାରା, ଉଛିପୁର, ରାଣୀପଡ଼ା, ଧୂଳି ଗଡ଼ ଆଦି ପଞ୍ଚାୟତ ଅଧୀନରେ ଥିବା ଶହ ଶହ ଏକର ଡଙ୍ଗର କିସମ ଓ ଅନାବାଦୀ ଗୋଚର ଜମିକୁ ମସିଆ ବନ୍ଧାର ଲୋକଙ୍କୁ ଗୁଣ ପ୍ରତି ଏକ ଲକ୍ଷରୁ ଦୁଇ ଲକ୍ଷ ଟଙ୍କାରେ ବିକ୍ରି କରିଚାଲିଛନ୍ତି ଓ ଦାନଗଦି ତହସିଲଦାରଙ୍କ ନିକଟରେ ଖବର ଧୂଳେ ମଧ ଏହାକୁ ଖୋଲିବା ପାଇଁ ବାହାର ଆନ୍ତରିକତା ନ ଥିଲା ଭଳି ଜଣାପଡୁଛି । ଆଉଥାଲଙ୍କ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଜବରଦଖଲ ଦିନକୁ ଦିନ ଦଢ଼ିଚାଲିଛି । ଅଣଓଡ଼ିଆ କମ୍ପାନୀ ଠିକାଦାର ଏହି ସରକାରୀ ଜମିକୁ ବଢ଼ା ଦରରେ କିଣି ଲେଟର କଲୋନା ତିଆରି ବେଶ୍ ଭଲ ଅର୍ଥ ରୋଜଗାର କରୁଛନ୍ତି । ଦାନଗଦି ତହସିଲ ଅଞ୍ଚଳରେ ଏଭଳି ଜବରଦଖଲ ଯଦି ଲାଗି ରହେ, ତେବେ ଆଉ ଗାଁମାନଙ୍କରେ ଶ୍ମଶାନ, ଖେଳ ପଡ଼ିଆ ଗୋଡର ଜମି, ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜାଗା ଖଣ୍ଡେ ମିଳିବା କଷ୍ଟକର ହୋଇପଡ଼ିବ । ଡ୍ରିଜଙ୍ଗା ଟାଟା ନିସ୍ଥାପିତ କଲୋନୀକୁ ଲାଗି ରହିଛି ୫.୯୨୧ ନଙ୍ଗର କିସମ ଜମି । ଯାହାର ପ୍ଲଟ ନମ୍ବର ୩୭୯ ଓ ଖାତା ନମ୍ବର ୫୦୧ । ଏହି ଜମିରେ ବନ ବିଭାଗ ଚଳୀକରଣ କରି ବହୁ ମୂଲ୍ୟବାନ ଗଛ କଟାଇଥିଲା । ମାତ୍ର ଦାନଗଦିର କିଛି ଅସାଧୁ ବ୍ୟକ୍ତି ଉକ୍ତ ଗଛ କାଟି ନେଇ ସେହି ଜାଗାକୁ ଗୁଣ୍ଠ ପ୍ରତି ଲକ୍ଷେଟଙ୍କା ହିସାବରେ ଦିଉି କରି ମସେମାର ହେଉଛନ୍ତି । ଏ ଘଟଣା ସମ୍ପର୍କରେ ଜାଣିବା ପରେ ମେସ୍କୋ ଓ ଟାଟା ବିସ୍ଥାପିତ ପରିବାର ଲୋକେ ମିଳିତ ହୋଇ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଲିତ ଭାବେ ଜଣାଇଛନ୍ତି । ଏସହ ଦାନଗଦି ତହସିଲଦାର, ଯାଜପୁରରୋଡ୍ ବନାଞ୍ଚଳ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ସିଂ ଘାଗାଡ଼ିଆ ଓ ସୋହେଲ ଗାଁରେ ଏକ ଏକ ସରକାରୀ ଜମିକୁ ମପିଆ ଜବରଦଖଲ କରି ବେଧାନକ ଭାବେ ବିଶାଳ ଅଟ୍ଟାଳିକା ନିର୍ମାଣ କରିଚାଲିଛନ୍ତି । ତୁରନ୍ତ ପ୍ରଶାସନ ଏଥପ୍ରତି ଦୃଷ୍ଟି ଦେବାକୁ ସାଧାରଣ ଲୋକେ ବାଟି କରିଛନ୍ତି ।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବିନା ସୂଚନା ଫଳକରେ ନିର୍ମାଣ ଅଭିଯୋଗ



**କେସିଙ୍ଗା,(ମହାଭାରତ) :** କୌଣସି ଏକ କାର୍ଯ୍ୟ କରିବା ପୂର୍ବରୁ କାର୍ଯ୍ୟ ର ସ୍ୱଚ୍ଛତା ଆଣିବା ପାଇଁ ସାଧାରଣ ରେ ସୂଚନା ଫଳକ ବ୍ୟବହାର କରାଯାଇଥାଏ । ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁ ଅଛି କୁଣ୍ଡାବନ୍ଧ ପଞ୍ଚାୟତରେ । ପ୍ରକାଶ ଥାଉକି କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ପଞ୍ଚାୟତ ଅଧୀନ ସିକେର ପଡ଼ା ଗ୍ରାମରେ ଗ୍ରାମୀଣ ରେ ବସବାସ କରୁଥିବା ଲୋକେ ସିଧା ସଳଖ ସ୍ୱାସ୍ଥ୍ୟ ସେବା ଲାଭ ଉଠାଇ ପାରିବେ ତେଣୁ ଏହି ଗ୍ରାମରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟରତ ଅଛି ।ହେଲେ ଏଠି ବିନା ସୂଚନା ଫଳକ ରେ କାର୍ଯ୍ୟ ଚାଲୁଥିବା ବେଳେ କେତେ ଟଙ୍କା ର କାମ ହଉଛି ଲୋକେ ଜାଣି ପାରୁନାହାନ୍ତି ।ଏବଂ କାର୍ଯ୍ୟ ର ଆରମ୍ଭ ରେ ନିମ୍ନ ମାନର କାର୍ଯ୍ୟ ହୋଉଥିବା ଲୋକେ ପ୍ରକାଶ କରିଛନ୍ତି । ଯାହା ଗେଠି ଏବଂ ବଦ୍ରି ମିଶ୍ରଣ ରେ କାମ ଚାଲୁଅଛି ତାହାପୁଣି ବିନା ମିକ୍ସଚର ମେସିନ ରେ ପିଲର କାମ ଉଠାଣ ଚାଲୁଥିବା ଦେଖିବାକୁ ମିଳୁଅଛି । ତେବେ ବର୍ତ୍ତମାନ କାର୍ଯ୍ୟ ର ସ୍ଥାୟୀତ୍ୱ କୁ ନେଇ ଅଞ୍ଚଳବାସୀ ଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି । ଅଞ୍ଚଳ ବାସୀଙ୍କୁ ଭୁଆଁ ବୁଲାଇ ଠିକାଦାର ତେବେ ଏହି ବିଷୟରେ ବିଭାଗୀୟ ଯନ୍ତ୍ରୀ ଭୁବନ ଭୋଇ ଙ୍କୁ ପଚାରିବାରୁ ମୁଁ କାମ ଦେଖିଲା ପରେ ସବିଶେଷ ତଥ୍ୟ କହିପାରିବି ଏବଂ ଯଦି କିଛି ଭୁଲଭାଲ ଚାଲିଛି ହେଲେ ମୁଁ ସାଙ୍ଗେସାଙ୍ଗ ତାହାର ସମାଧାନ କରିବ ବୋଲି ନିଜର ମତ ପ୍ରକାଶ କରିଛନ୍ତି । ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଅଞ୍ଚଳ ବାସୀ ଙ୍କ ଦାବୀ ହୋଉଛି ।

# ବିଦ୍ୟୁତ ତାର ଚୋରକୁ ଧରି ପୁଲିସରେ ଜିମା ଦେଲେ ପୂର୍ବତନ ନଗରପାଳ



**ପାଟଣାଗଡ,(ମହାଭାରତ) :** କଳାକନା ବୁଲେଇବାକୁ ଚୋର ଆସିଥିଲେ ପୂର୍ବତନ ନଗରପାଳ ଙ୍କ ଘର କୁ , ନୂତନ ଘରେ ବିଦ୍ୟୁତ ସଂଯୋଗ ପାଇଁ ତାର ଟଣା ଯାଉ ଥିବା ବେଳେ ସେହି ତାରକୁ ଚୋରି କରିବା ସମୟରେ ଧରା ବି ପଡିଲେ ତାଙ୍କ ହାତରେ , ଶେଷରେ ଚୋରଙ୍କୁ ଉଚିତ ଶିକ୍ଷା ବି ଦେଇଛନ୍ତି ପୂର୍ବତନ ନଗରପାଳ ଦୁଇ ଚୋରଙ୍କୁ ଧରି ବିଚ ରାସ୍ତାରେ ପାଟଣାଗଡ ସହରର ମୁଖ୍ୟରାସ୍ତା ରେ ଚଲେଇ ଚଲେଇ ଆଣି ଜିମା ଦେଇଥିଲେ ପୋଲିସ ପାଖରେ । ଦୁଇ ଚୋର ଙ୍କୁ ଏ ଭଳି ପୋଲିସ ଷ୍ଟେସନ ପୂର୍ବତନ ନଗର ଆଣିବା ସହରର ସାରା ଚର୍ଚ୍ଚା ହେଉଥିବା ବେଳେ ଏହି ଦୃଶ୍ୟ ସମାଜ କୁ ସୁଧାରି ବାରେ ବି ସହାୟକ ହେବ ବୋଲି ଆଶା କରାଯାଉଛି । ଅଭିଯୁକ୍ତ ଦୁଇ ଜଣ ହେଲେ କୋଲପଡା ର ପ୍ରଶାନ୍ତ ବୁଡେକ ଆଉ ଶ୍ରୀକାନ୍ତ ବୁଡେକ ବୋଲି ପରିଚୟ ଦେଇଛନ୍ତି ।

# ଲୁଟ୍ ବାଲି ମାପିବା ପାଇଁ ଆସିଥିଲେ, ସୀମା ଚିହ୍ନଟ କରି ଫେରିଲେ

**ଦାନଗଦି,(ମହାଭାରତ) :** ଯାଜପୁର ଜିଲା ଦାନଗଦି ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ର ପଙ୍କପାଳ ବାଲିଘାଟରୁ ବହୁ କୋଟି ଟଙ୍କାର ବାଲି ଲୁଟ ହୋଇ ସାରିବା ପରେ ପ୍ରଶାସନର ନିଦ ଭାଙ୍ଗିଛି । ବୁଧବାର ପୂର୍ବାହ୍ନରେ ଜିଲା ଲଘୁ ଖଣିଜ ସମ୍ପଦ ଅଧିକାରୀ ସଦଳବଳେ ଏହି ବାଲିଘାଟରୁ କେତେ ବାଲି ଲୁଟିଆମାନେ ନେଇଛନ୍ତି ତାହାର ମାପଚୂପ କରିବାକୁ ଘାଟରେ ପହଞ୍ଚି ଥିଲେ । ମାତ୍ର ପ୍ରଶାସନର ବିଳମ୍ବ, ବାଲି ମାଫିଆଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିବା ଦେଖୁବାକୁ ମିଳିଛି । ବିଭାଗୀୟ । ଅଧିକାରୀ ମାନେ ପହଁଞ୍ଚିବା ବେଳକୁ ଘାଟ ଦୁଇଟି ବଢ଼ି ପାଣିରେ ବୁଡି ସାରିଥିବା ଦେଖିବାକୁ ମିଳିଥିଲା । ଫଳରେ ପାଣି ତଳେ କୋଟି କୋଟି ଟଙ୍କାର ବାଲି ଲୁଟ ସମ୍ପର୍କୀତ ସବୁ ତଥ୍ୟ ପ୍ରମାଣ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇ ଯାଇଛି । ଖବର ମୁତାବକ ଲଘୁ ଖଣିଜ ସମ୍ପଦ ଉପ ନିର୍ଦ୍ଦେଶକ ଜ ?ୟ ପ୍ରକାଶ ନାୟକ ଓ ତାଙ୍କ ଦଳ ବାଲି ଘାଟ ଦ୍ୱୟରୁ ଲୁଟ ହୋଇଥିବା ବାଲି ସମ୍ପର୍କୀତ ଆପତତଃ ପ୍ରମାଣ (ପ୍ରାଇମାଫେସି) ସଂଗ୍ରହ ପାଇଁ ପୂର୍ବାହ୍ନରେ ପହଞ୍ଚିଥିଲେ । ଡ୍ରୋନ ସାହାଯ୍ୟରେ ଲୁଟ ବାଲିର ଡିଜିପିଏସ ସର୍ଭେ ସହିତ ଘାଟ ଦୁଇଟିର ସ୍ଥାୟୀ ସୀମା ନିର୍ଦ୍ଧାରଣ ପାଇଁ ଯୋଜନା ରହିଥିଲା । ଖଣି ବିଭାଗ ମଙ୍ଗଳବାର ପହଞ୍ଚିବାକୁ ଥିବାବେଳେ ବୁଧବାର ପୂର୍ବାହ୍ନରେ ଘାଟ କୁ ଆସିଥିଲେ । ଉପର ମୁଣ୍ଡରେ ବର୍ଷା କାରଣରୁ ବୁଧବାର ସକାଳେ ଘାଟ ଦୁଇଟି ରେ ପାଣି ପଶିଯାଇଥିଲା । ଯୁଆଡେ ଦେଖୁଲେ କେବଳ ପାଣି ଆଉ ପାଣି । ଫଳରେ ପାଣି ତଳେ ବାଲି ଲୁଟ ଦ୍ୱାରା ସୃଷ୍ଟି ହୋଇଥିବା ବଡ ପାଣି ପଶିଲା, ପ୍ରମାଣ ଗଲା ବଡ ଗାତ ଗୁଡ଼ିକ ହଜି ଯାଇଥିଲା । ତଦନ୍ତକାରୀ ଦଳ ଘାଟ ଦ୍ୱୟର ସୀମା ନିର୍ଦ୍ଧାରଣ କରିବା ସହ ନଦୀ ଭିତରେ ଖୁଣ୍ଟି ପୋତି ସ୍ଥାୟୀ ସୀମା ଚିହ୍ନଟ କରିବାକୁ ଯୋଜନା ରହିଥିଲେ ମଧ ପାଣି ପାଇଁ ଏହା ସମ୍ଭବ ହୋଇପାରି ନ ଥିଲା । ଆଜି କେବଳ ନ ?ଦୀ ବନ୍ଧ ଉପରେ ସୀମା ମାପ ସହିତ ବନ୍ଧ ରେ ଖୁଣ୍ଟି ପୋତାଯାଇ ଚିହ୍ନଟ ହୋଇଥିବା ଡିଡିଏମ କହିଛନ୍ତି । ହୋଇଥିବା ମାପ ର ତଥ୍ୟ ମୁତାବକ ଘାଟ ଦ୍ୱୟ ମଧ୍ୟରେ ୩୦୦ ଫୁଟ୍‌ର ଦୂରତା ରହିଛି । ଯାହାଦ୍ୱାରା ଭବିଷ୍ୟତରେ ଲିଜଧାରୀ ମାନେ ନିଜ ନିଜ ସୀମା ମଧ୍ୟରେ ରହି ବାଲି ଉତ୍ତୋଳନ କରିପାରିବେ । ସୂଚନା ଥାଉ କି ସମସ୍ତ ନିତି ନିୟମକୁ ଫାଙ୍କି ପ୍ରତିଦିନ ଏଠାରେ ଥିବା ଘାଟ ଦୁଇଟି ରୁ ୫ଟି ମେସିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିଲା । ଖାଦାନ ନମ୍ବର୍ ୧ ରେ ଲିଜଧାରୀ ନିଜ ସୀମା ବାହାରେ ଦୁଇଟି ମେସିନ ଦ୍ୱାରା ବାଲି ଖୋଳି ବିକ୍ରି କରୁଥିବା ବେଳେ ଆଦୌ ଅନୁମତି ନଥିବା ୨ ନମ୍ବର ଖାଦାନ ରେ ୩ଟି ମେସିନ ଦ୍ୱାରା ପ୍ରତ୍ୟହ ବାଲି ଲୁଟ ହେଉଥିଲା । ଏତେ ପରିମାଣର ବାଲି ଲୁଟ ହେଲା ଯେ ମାତ୍ର ଏକ ମାସ ମଧ୍ୟରେ ନଦୀର ଗତିପଥ ବଦଳି ଯାଇଥିଲା । ବର୍ଷକୁ ୬୦୦୦ କ୍ୟୁବିକ ମିଟର ବାଲି ଉତ୍ତୋଳନ ପାଇଁ ଅନୁମତି ଥିବା ବେଳେ ପ୍ରତିଦିନ ବାର୍ଷିକ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ବାଲି ହାଇଭା ଯୋଗେ ପରିବହନ ହେଉଥିଲା । ମାତ୍ର ୦.୬ ମିଟର ଗଭୀର ପର୍ଯ୍ୟନ୍ତ ନଦୀ ଶଯ୍ୟା ଖନନ ହେବା ନିୟମ ରହିଥିଲେ ହେଁ ଏଠାରେ ୮ରୁ ୧୦ ଫୁଟ ଗଭୀର ଯାଏଁ ଗାତ ଖୋଳା ଯାଉଥିଲେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଯାହାକୁ ନେଇ ଲଘୁ ଖଣିଜ ବିଭାଗ ଓ ଦାନଗଦି ତହସିଲ ଉପରେ ଜିଲାପାଳ କ୍ଷୁବ୍ଧ ହେବା ସହିତ ରିପୋର୍ଟ ତଲବ କରିଥିଲେ । ଫଳରେ ସେହିଦିନ ବାଲିଘାଟରୁ ମେସିନ୍ ଗୁଡିକ ହଟାଇ ନିଆଯାଇ ଘାଟ ବନ୍ଦ ହୋଇଥିଲା । ପୂର୍ବରୁ ବାଲି ଲୁଟିଆଙ୍କ ପ୍ରତି ଖଣି ବିଭାଗର ଦୁର୍ବଳତା ରହି ଆସିଥିବା ବେଳେ ପାଣି ପଶିବା ପରେ ଆଜି ବିଭାଗ ଚୋରି ଧରିବା ପାଇଁ ଆସିବା ଘଟଣାକୁ ଲୋକେ ପୂର୍ବ ପ୍ରସ୍ତୁତ ଓ ଚତୁରେ ଚତୁରେ କୋଳାକୋଳି ର ଗହନ ଅଧ୍ୟାୟ ବୋଲି କୁହାକୁହି ହେଉଛନ୍ତି ।



# ବେକରେ ରସି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଆସିକା,(ମହାଭାରତ) :** ଆସିକା କୋଟିନଡ଼ା ଥାନା ଅଧୀନ ହରିଡ଼ାପଦର ପଞ୍ଚାୟତ ମଣ୍ଡାପଡା ଗ୍ରାମର ନୁଆଁ ସାହି ରେ ଗତକାଲି ଘରେ ଶିବ ପ୍ରଧାନ (୪୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ପ୍ରକାଶ ଥାଉକି ଶିବ ର ଝିଅ ଗତକାଲି କଲେଜ ରୁ ସନ୍ଧ୍ୟା ରେ ଫେରି ଘରେ ପହଂଚି ବାପା ବେକରେ ରସି ଲଗାଇ ମୁର୍ମୁଷୁ ଅବସ୍ଥାରେ ଅଚେତ ହୋଇପଡ଼ିଥିବାର ଦେଖି ସଂଗେ ସଂଗେ ବିଲକୁ କାମ କରିବାକୁ ଯାଇଥିବା ମା ମିନତୀ କୁ ଖବର ଦେଇଥିଲା ଖବର ପାଇ ଶିବର ସ୍ତ୍ରୀ ଘରେ ପହଞ୍ଚି ପଡୋଶୀଙ୍କ ସହାୟତାରେ ଶିବକୁ ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ପାଇଁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଶିବର ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ସ୍ତ୍ରୀ ମିନତୀ ପ୍ରଧାନ କୋଟିନଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା ଅଭିଯୋଗ କୁ ଭିତ୍ତି କରି ପୋଲିସ କେସ ନମ୍ବର ୦୫/୨୪ ରେ ଏକ ଅପମୃତ୍ୟ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆସିକା ମେଡିକାଲ ରେ ଶବ ବ୍ୟବଛେଦ କରି ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଛି ।

# ଯାଜପୁରରେ ଜାତୀୟ ଆୟକର ଦିବସ ପାଳିତ




**ବ୍ୟାସନଗର,(ମହାଭାରତ) :** ଜାତୀୟ ଆୟକର ଦିବସ ଭାବେ ସାରା ଦେଶରେ ପାଳିତ ହୁଏ । ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଆୟକର କାର୍ଯ୍ୟାଳୟରେ ଆୟକର ବିଭାଗ ଏବଂ ଯାଜପୁର ଜିଲ୍ଲା ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ତରଫରୁ ମିଳିତ ଭାବେ ଆୟକର ଦିବସ ପାଳନ ହୋଇଯାଇଅଛି । ଆୟକର ଅଧିକାରୀ ଶିଶିର କୁମାର ହେମ୍ବ୍ରମ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବିଭାଗ ର ଅଧିକାରୀ ମାନଙ୍କ ଙ୍କ ସହ ଟ୍ୟାକ୍ସ ବାର ର କର୍ମକର୍ତା ମାନେ ଯୋଗ ଦେଇ ଆୟକର ଆଇନି ର ଅତୀତ ଓ ସମ୍ପ୍ରତି ପ୍ରଚଳିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଟ୍ୟାକ୍ସ ବାର ସଙ୍ଘ ର ସଭାପତି ଆଇନଜୀବୀ ବିବେକାନନ୍ଦ ମହାନ୍ତି ସମ୍ବଳ ସଂଗ୍ରହ କରିବାରେ ଆୟକର ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ସହିତ ଟିକସ ଆଦାୟ କ୍ଷେତ୍ରରେ ସରଳୀକରଣ ସ୍ୱଚ୍ଛତା ଓ ସଚ୍ଚୋଟତା ଅବଲମ୍ବନ କରିବା ଉଚିତ ବୋଲି ପ୍ରକାଶ କରିଥିଲେ । ଭରତ ରେ ପ୍ରଥମ ଆୟକର ଆଇନୀ ୧୮୬୦ ମସିହାରେ ବ୍ରିଟିଶ ଶାସନାଧୀନ ବେଳେ ପ୍ରଣୀତ ହେଇଥିଲା । ସିପାହୀ ବିଦ୍ରୋହ ପରେ ପରେ ଏହି ଅଇନି କୁ କାର୍ଯ୍ୟ କରିବା ନିମନ୍ତେ ଜୁଲାଇ ଚବିଶ ତାରିଖ ରୁ ଶାସନ କର୍ତ୍ତୃପକ୍ଷ ସୃଷ୍ଟି ହେଇ କାର୍ଯ୍ୟାରମ୍ଭ କରିଥିଲା । ସେହି କାରଣରୁ ୨୦୧୦ ମସିହା ଜୁଲାଇ ୨୪ ତାରିଖ କୁ ସାରା ଭାରତ ରେ ଆୟକର ଦିବସ ରୂପେ ପାଳନ ହୋଇ ଆସୁଛି । ବିଗତ ଦଶ ବର୍ଷରେ ଆୟକର ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହୋଇଛି । ଏକ ଯୁଗାନ୍ତ କାରି ପଦକ୍ଷେପ ନେଇ ନ୍ତସ୍ୱଚ୍ଛ ଟିକସ ବ୍ୟବସ୍ଥା:- ସଚ୍ଚୋଟ କରଦାତା ଙ୍କୁ ସମ୍ମାନ ନ୍ତଯୋଜନା ସହ ସଂପୂର୍ଣ୍ଣ ଡିଜିଟାଇଜେସନ ବ୍ୟବସ୍ଥା କୁ ଅପଣେଇଛି । ରିଟର୍ନ ଇ ଫାଇଲିଂ, ଇ ଆସେସମେଣ୍ଟ, ଇ ଆପିଲ, ଏବଂ ସମ୍ପୂର୍ଣ୍ଣ ଫେସ ଲେସ ବା ମୁଖ ବିହୀନ ପ୍ରଣାଳୀ ମାଧ୍ୟମରେ ସ୍ୱଚ୍ଛତା ଆଣିବାକୁ ପ୍ରୟାସ ଜାରି ରହିଛି । ଏବେ ପ୍ରଚଳିତ ନ୍ତଆୟକର ଆଇନ୍-୧୯୬୧ନ୍ତ ଆଗକୁ ମଧ ପରିବର୍ତନ ହେବ ବୋଲି ଚଳିତ ବଜେଟ୍ ରେ ସ୍ଥାନିତ ହୋଇଛି । ଅନ୍ୟ ମାନଙ୍କ ମଧ୍ୟରେ ଟ୍ୟାକ୍ସ ବାର ର ଉପସଭାପତି ଧନେଶ୍ୱର ବାରିକ୍, ସଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ପୂର୍ବତନ ସଭାପତି ମାନସ ରଂଜନ ସାମଲ, ପୂର୍ବତନ କର୍ମକର୍ତା ଦିଲ୍ଲିପ କୁମାର ମଲ୍ଲିକ ଏବଂ ଆୟକର ବିଭାଗ ର କର୍ମଚାରୀ ସୌମ୍ୟ ରଂଜନ ସ୍ୱାଇଁ, ସିବରଞ୍ଜନ ମହାପାତ୍ର, ତହିଦ୍ ମହମ୍ମଦ, ମାନସ ରଞ୍ଜନ ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ବିଶ୍ୱଜିତ୍ ବୋଇତାଇ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ । ଶେଷରେ ଆୟକର ନିରୀକ୍ଷକ ରେଖା କୁମାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଦେବଗଡ଼ରେ ସ୍ୱାଧୀନତା ଦିବସ ବୈଠକ ଅନୁଷ୍ଠିତ



**ଦେବଗଡ,(ମହାଭାରତ) :** ଗୁରୁବାର ଦିନଦେବଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ୭୮ତମ ସ୍ୱାଧିନତା ଦିବସ ୨୦୨୪ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ୍ କୁମାର ପ୍ରଧାନ, ଅଧକ୍ଷା ପୌରପରିଷଦ ଶାନ୍ତି ମଞ୍ଜରି ଦେଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ଓ ଉପ ଜିଲ୍ଲାପାଳ ପରକ୍ଷୀତ ସାହୁ, ମଞ୍ଚାଷିନ ରହି ଚଳିତ ସ୍ୱାଧୀନତା ଦିବସ କିପରି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ବୈଠକ ଡାକିବା ର ପ୍ରାସଙ୍ଗିକତା ଉପରେ କହିଥିଲେ । ପୂର୍ବବର୍ଷ ଭଳି ଚଳିତ ବର୍ଷ ଅଗଷ୍ଟ ୨ ଓଡିଆ ବକ୍ତୃତା, ଅଗଷ୍ଟ ୩ ଦେଶାତ୍ମବୋଧକ ସଙ୍ଗୀତ, ଅଗଷ୍ଟ ୪ ଚିତ୍ରାଙ୍କନ ଓ ଚିତା (ଝୋଟି), ଅଗଷ୍ଟ ୬ ଇଂରାଜୀ ବକ୍ତୃତା ଓ ଫେନ୍ସୀ ଡ୍ରେସ, ଅଗଷ୍ଟ ୭ ଜଣା ଅଜଣା,ପ୍ରତିଯୋଗିତା ବାଳକ ପ୍ରାଥମିକ ବିଦ୍ୟାଳୟ, ମନ୍ଦାକିନୀ ବାଳିକା ବିଦ୍ୟାଳୟ, ସଂସ୍କୃତି ଭବନ ଓ ସୂଚନା କେନ୍ଦ୍ର ଠାରେ ପ୍ରତିଯୋଗିତା କରାଯିବ । ଅଗଷ୍ଟ ୧୧,୧୨ଓ୧୩ ସକାଳ ୮.୩୦ ଘଟିକା ସମୟରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ୟାରେଡ ପୂର୍ବାଭ୍ୟାସ କରାଯିବ । ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନ, ସମସ୍ତ ସରକାରୀ ବିଭାଗ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ସକାଳ ୭ ଟାରୁ ୮ ଟା ଭିତରେ ଜାତୀୟ ପତାକା ଉତୋଳନ କରିବାକୁ ସ୍ଥିର କରାଯାଇଥିବା ବେଳେ ମୂଖ୍ୟ ଅତିଥିଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୯.୧୫ ସମୟରେ ଜାତୀୟ ପତାକା ଉତୋଳନ କରାଯିବ । ଏଥିସହ ଅଗଷ୍ଟ ୧୫ ତାରିଖ ଦିନ ଦିବା ୩ ଘଟିକା ସମୟରେ କବି ସମ୍ମିଳନୀ, ଇନ୍ଦିରା ଗା ।ନ୍ଧୀ ଷ୍ଟାଡିୟମରେ ମହିଳା ଫୁଟବଲ ମ୍ୟାଚ, ଓ ଟାଉନ ହଲ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଡି.ଏସ୍.ପି. ଡି.ଆଇ.ବି. ପବିତ୍ର କିସାନ,ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ୪ର୍ଥ ଆଇ.ଆର.ବି ବାଟାଲିୟନ ବାମ୍ପର୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ,ଲାଇନ ବିଭାଗ ଅଧିକାରୀ, ବିଭିନ୍ନ ଶିକ୍ଷା ଅନୁଷ୍ଠାନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଓ ବିରଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ବୃତ୍ତଙ୍କ ଟାର୍ଗେଟରେ ଧଳାକାର, ଗୋଟିଏ ରାତିରେ ୫ ଗାଡି ଭାଙ୍ଗିଲେ

**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଞ୍ଚଳରେ ଧୀରେ ଧୀରେ ଆଇନ୍ ଶୃଙ୍ଖଳା ବିଗିଡିବାରେ ଲାଗିଛି, ଚୋରି, ରାହାଜାନି, ଝିନତାଇ ପୂର୍ବରୁ ବୃଦ୍ଧି ପାଇଥିବା ବେଳେ ଅସାମାଜିକ ଙ୍କ କାର୍ଯ୍ୟକଳାପ ଜନସାଧାରଣଙ୍କୁ ବ୍ୟଥିତ କରିଛି, ଗୁରୁବାର ସକାଳ ସମୟରେ ଯୋଡା ମାର୍କେଟ ରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି ଘଟଣା ରୁ ପ୍ରକାଶ ଯେ ବୁଧୁବାର ବିଳମ୍ବିତ ରାତି ରେ କେହି ଅସାମାଜିକ ବ୍ୟକ୍ତି ଯୋଡା ସହର ର ବିଭିନ୍ନ ସ୍ଥାନରେ ଛିଡା ହୋଇଥିବା ଧଳାକାର ଗୁଡ଼ିକ ର ପଛ କାଚ ଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି, ସେଥି ମଧ୍ୟରୁ ୪ ଟି ଗାଡି ଫର୍ଚୁନର ଥିବା ବେଳେ ଗୋଟିଏ କ୍ରେଟା ଗାଡି ଥିବା ଜଣାପଡ଼ିଛି, ସକାଳୁ ଖବର ପାଇ ଯୋଡା ପୋଲିସ ଘଟଣାସ୍ଥଳରେ ପହଂଚି ବିଭିନ୍ନ ସିସିଟିଭି ଯାଂଚ କରିଥିଲେ ସୁଦ୍ଧା କିଏ କାହିଁକି ଏପରି କାଣ୍ଡ ଘଟାଇଛି ଜଣାପଡିନାହିଁ, ତେବେ ଏହା କୌଣସି ମାନସିକ ବିକୃତ ବ୍ୟକ୍ତି ଙ୍କ ଉନ୍ମୁକ୍ତ କାଣ୍ଡ ହୋଇଥିବା ବେଳେ ଜନସାଧାରଣ ଏବେ ଆତଙ୍କିତ ହୋଇପଡ଼ିଛନ୍ତି, ଯୋଡା ପୋଲିସ ତୁରନ୍ତ ଏ ସମ୍ବନ୍ଧରେ ତଦନ୍ତ କରି ଘଟଣା ର ସତ୍ୟାସତ୍ୟ ବାହାର କରିବା ସହ ଏପରି କାଣ୍ଡ ଘଟାଇଥିବା ବ୍ୟକ୍ତି କୁ ଖୋଜି ବାହାର କରିବାକୁ ଦାବି କରିଛନ୍ତି, ଏଠାରେ ପ୍ରକାଶ ଥାଉ କି କିଛି ଦିନ ହେବ ଯୋଡା ସହର ତଥା ଆଖପାଖ ଅଞ୍ଚଳରେ ଅସାମାଜିକ ଙ୍କ ପାଦୁର୍ଭାବ ବଢିବାରେ ଲାଗିଛି, ବିଭିନ୍ନ ଗାଡି ଚାଳକ ମାନଙ୍କୁ ଭୟଭୀତ କରାଇ ଲୁଟ କରିବା, ଦୋକାନ ଭାଙ୍ଗି ଚୋରି କରିବା, ଛିଡା ହୋଇଥିବା ଗାଡି ଗୁଡିକରୁ ତେଲ ଚୋରି କରିବା ନିତିଦିନିଆ ଘଟଣା ରେ ପରିଣତ ହେଲାଣି, ଏ ପରିସ୍ଥିତିରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ଯୋଡା ପୋଲିସ ପକ୍ଷରୁ କଡା ପୋଲିସ ପେଟ୍ରୋଲିଂ କରାଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି,,



# ଶିକ୍ଷା ଓ ସମାଜିକ କାର୍ଯ୍ୟ ପାଇଁ ଡକ୍ଟରେଟ୍ ଉପାଧି ପାଇଲେ କୃତୀ ଶିକ୍ଷକ ବିଭୀଷଣ ବାରିକ

**ରାଜଗାଙ୍ଗପୁର,(ମହାଭାରତ) :** ଶିକ୍ଷା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ସାଙ୍ଗକୁ ଉତ୍ସର୍ଗୀକୃତ ସାମାଜିକ କାର୍ଯ୍ୟକ୍ରମ ପାଇଁ ଆଇକନିକ ପିସ୍ ଆଓ୍ୱାଡ କାଉନସିଲ ଆନୁକୁଲ୍ୟରେ ନିତିଆୟୋଗ ଓ ଏସ୍ଏମ୍ଇ ବା ଲଘୁ ଉଦ୍ୟୋଗ ଭାରତ ସରକାରଙ୍କ ସହ ଅନୁବନ୍ଧିତ ସିକୃତିପ୍ରାପ୍ତ ଅନୁଷ୍ଠାନ ତରଫରୁ ଗତ ଶନିବାର ସମ୍ବିଧାନ କ୍ଲବ ସଂସଦ ମାର୍ଗ ଠାରେ ବିଭୀଷଣ ବାରିକଙ୍କୁ ମୂଖ୍ୟ ଅତିଥି ଉତ୍ତରାଖଣ୍ଡ ଏମପି ରାଜ୍ୟସଭା ନରେଶ ବନସଲ, ଏକ୍ସ ଡେପୁଟି ସ୍ପିକର ଇଣ୍ଡୋତିବତ ରିଲେସନ ସିପ୍ ଶ୍ରୀ ଯସ, ପୂର୍ବତନ ମନ୍ତ୍ରୀ ସାମାଜିକ ସୁରକ୍ଷା ବିଜୟ ସାମପଲା ପ୍ରମୁଖ ଉପସ୍ଥିତ ରହି ମର୍ଯ୍ୟାଦାଜନକ ଡକ୍ଟରେଟ ଉପାଧି ପ୍ରଦାନ କରିଥିଲେ । ସେ ତାକୁ ଗ୍ରହଣ କରି ଦିଲ୍ଲୀରୁ ଫେରିଲା ପରେ ଅନୁଷ୍ଠାନର ଆଲୁମିନି,ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ର ଛାତ୍ରୀ, ପ୍ରେସ କ୍ଲବ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୁମିନି ସଭାପତି ଶଙ୍କରପ୍ରଶାଦ ଟପ୍ପୋ,ପ୍ରଶାନ୍ତ ସାହୁ,ମହେନ୍ଦ୍ର ସିଂ, ରାଜେଶ ସାହୁ,ଦେବାଶିଷ ସାହୁ ପ୍ରମୁଖ ଶ୍ରୀ ବାରିକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିପରି ଅନୁଓ୍ୱର ଅହମ୍ମଦ, ଧୃତିସୁନ୍ଦର ସାହୁ, ଯଷ୍ଟିନ ମିଞ୍ଜ ପ୍ରମୁଖ ଶ୍ରୀ ରାରିକଙ୍କ ତ୍ୟାଗପୂତ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ । ଏଥିରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ ଛାତ୍ର ଛାତ୍ରୀ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରକାଶ ଥାଉକି ଶ୍ରୀ ବାରିକଙ୍କ ନିଷ୍ଠାପର ଉଦ୍ୟମରେ ଅନୁଷ୍ଠାନ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବା ସହ ୭ ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନରତ । ତାଙ୍କର ନିଷ୍ଠାପର ଉଦ୍ୟମରେ ଜାତୀୟ ଗ୍ରୀନ ସ୍କୁଲ ପୁରସ୍କାର, ୩ ଥର ପ୍ରକୃତି ମିତ୍ର ପୁରସ୍କାର, ସ୍ୱଚ୍ଛତା ପୁରସ୍କାର, ପାଞ୍ଚଥର ପାଇଁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ସାଙ୍ଗକୁ ଚଳିତ ବର୍ଷ ମଧ୍ୟ ଶ୍ରେଷ୍ଠ ସ୍କୁଲ ପୁରସ୍କାର ଲାଭକରି ରାଜ୍ୟ ସରକାରଙ୍କ ନିକଟରୁ ଅର୍ଥ ରାଶି ପାଇବାକୁ ସକ୍ଷମ ହୋଇଛି । ଭାରତ ସ୍କାଉଟସ୍ ଗାଆଇଡସ୍ ,ଜୁନିୟର ରେଡକ୍ରସ ତଥା ସବୁଜବାହିନୀର କାର୍ଯ୍ୟକଳାପରେ ରାଜ୍ୟରେ ଅଗ୍ରଣୀ ଭୂମିକା ଲାଭ କରିଛି । ତାଙ୍କର ଛାତ୍ର ବତ୍ସଳତା ଶୃଙ୍ଖଳ,ସମୟାନୁ ବର୍ତ୍ତିତା ସାଙ୍ଗକୁ କଠିନ ଅଧ୍ୟବସାୟ ଅନୁଷ୍ଠାନକୁ ଶିର୍ଷରେ ପହଞ୍ଚାଇଛି । ଶ୍ରୀ ବାରିକ ତାଙ୍କ ବକ୍ତବ୍ୟରେ ତାଙ୍କ ସଫଳତାକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁଙ୍କୁ ଉତ୍ସର୍ଗୀକୃତ କରିବା ସହ ତାଙ୍କ ସଫଳତା ପଛରେ ତାଙ୍କର ବଡଭାଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିନମଣି ବାରିକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ,ଆଲୁମିନିଙ୍କୁ ଉତ୍ସର୍ଗୀକୃତ କରିଛନ୍ତି । ଏହି ପୁରସ୍କାର ଅନୁଷ୍ଠାନର ବୋଲି କହି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଦୀପିକା କେରକେଟ୍ଟା ପରିଚାଳନା କରିଥିବା ବେଳେ ରୋହିତ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱର, ଶୁକ୍ରବାର, ୨୬ ଜୁଲାଇ ୨୦୨୪
Bhubaneswar, Friday 26, July, 2024
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ପ୍ୟାରିସ ଅଲିମ୍ପିକ୍ସ : କ୍ୱାର୍ଟରରେ ଭାରତୀୟ ମହିଳା ଓ ପୁରୁଷ ତୀରନ୍ଦାଜି



ନୂଆଦିଲ୍ଲୀ, ୨୬।୭: ଆସନ୍ତାକାଲି ଠାରୁ ବିଧିବଦ୍ଧ ଭାବେ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଆରମ୍ଭ ହେବ। କିନ୍ତୁ ଆଜି ଠାରୁ ଭାରତ ତାର ବ୍ୟକ୍ତିଗତ ଓ ଟିମ ରାଙ୍କିଙ୍ଗ ରାଉଣ୍ଡ ଅଭିଯାନ ଆରମ୍ଭ କରିଛି।

ପ୍ରଥମ ଦିନରେ ଭାରତୀୟ ମହିଳା ତୀରନ୍ଦାଜି ଦଳ ନିଜର ଭାଗ୍ୟ ପରୀକ୍ଷା କରି କମାଲ କରିଛି। ମହିଳା ଟିମ ରାଙ୍କିଙ୍ଗ ରାଉଣ୍ଡରେ ଭାରତୀୟ ଦଳ ଦମଦାର ପ୍ରଦର୍ଶନ କରି ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ରାଙ୍କିଙ୍ଗ ରାଉଣ୍ଡରେ ଭାରତୀୟ ଦଳ ୪ର୍ଥ ସ୍ଥାନରେ ନିଜର ଅଭିଯାନ ଶେଷ କରିଛି। ଭାରତୀୟ ଦଳରେ ଡେବ୍ୟୁଟାଣ୍ଟ ଅଙ୍କିତା ଭକତ, ଭଜନ କୌର ଓ ଦୀପିକା କୁମାରୀ ରହିଥିଲେ। ଏମାନେ ମିଳିତ ଭାବେ ୧୯୮୩ ପଏଣ୍ଟ ହାସଲ କରି କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି। କୋରିଆ ନୂଆ ଅଲିମ୍ପିକ୍ସ ରେକର୍ଡ ୨୦୪୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଚାଇନା ୧୯୯୬ ପଏଣ୍ଟ ସହ ଦ୍ୱିତୀୟ ଓ ମେକ୍ସିକୋ ୧୯୮୬ ପଏଣ୍ଟ ସହ ତୃତୀୟ ସ୍ଥାନରେ ନିଜର ଅଭିଯାନ ଶେଷ କରିଛି। ଅନ୍ୟପକ୍ଷରେ ବ୍ୟକ୍ତିଗତ ରାଙ୍କିଙ୍ଗ ରାଉଣ୍ଡରେ ମଧ୍ୟ ୩ ଭାରତୀୟ ଟପ୍ ୩୨ରେ ପ୍ରବେଶ କରିଛନ୍ତି। ଅଙ୍କିତା ଭକତ ୬୬୬ ପଏଣ୍ଟ ସହ ୧୧ତମ, ଭଜନ କୌର ୬୫୯ ପଏଣ୍ଟ ସହ ୨୨ତମ ଓ ଭେଟେରାନ ଦୀପିକା କୁମାର ୬୫୮ ପଏଣ୍ଟ ସହ ୨୩ତମ ସ୍ଥାନରେ ରହି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛନ୍ତି।

ମହିଳାଙ୍କ ପରେ ପ୍ୟାରିସ ଅଲିମ୍ପିକ୍ସରେ ଚମକିଛନ୍ତି ଭାରତୀୟ ପୁରୁଷ ତୀରନ୍ଦାଜି ଟିମ। ଟିମ ରାଙ୍କିଙ୍ଗ ଇଭେଣ୍ଟରେ ଭାରତୀୟ ପୁରୁଷ ଟିମ ଦମଦାର ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦଳ ରାଙ୍କିଙ୍ଗ ରାଉଣ୍ଡର ତୃତୀୟ ସ୍ଥାନରେ ରହି ଏପରି ସଫଳତା ହାସଲ କରିଛି। ତରୁନଦୀପ ରାୟ, ଧୀରଜ ଓ ପ୍ରବୀଣ ଯାଦବଙ୍କୁ ନେଇ ଗଠିତ ଭାରତୀୟ ଟିମ ମୋଟ ୨୦୧୩ ପଏଣ୍ଟ ହାସଲ କରିଛନ୍ତି।

# ଭାରତ ବିପକ୍ଷରେ ଶ୍ରୀଲଙ୍କାର ନୂଆ ଚାଲ




କଲମ୍ବୋ, ୨୫।୭: ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଟି-୨୦ ସିରିଜ ଜୁଲାଇ ୨୭ରୁ ଆରମ୍ଭ ହେଉଛି। ଏହାପୂର୍ବରୁ ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶ୍ରୀଲଙ୍କା ଦଳର ଖେଳାଳିମାନେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଦଳର ମୁଖ୍ୟ କୋଚ ସନଥ ଜୟସୁରିଆ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ସେ କହିଛନ୍ତି, ରାଜସ୍ଥାନ ରୟାଲ୍ସ ଡାଏରେକ୍ଟର ଅଫ୍ ହାଇ ପର୍ଫମାନ୍ସ ଜୁବିନ ଭରୁଚଙ୍କୁ ଡକାଯାଇଛି। ଭରୁଚ ଶ୍ରୀଲଙ୍କା ଖେଳାଳିଙ୍କୁ ବିଶେଷ ଟିପ୍ସ ଦେଇଥିଲେ। ଖେଳାଳିମାନେ ୬ ଦିନିଆ କର୍ମଶାଳାରେ ଭାଗ ନେଇଥିଲେ।

ସନଥ ଜୟସୁରିୟା କହିଛନ୍ତି, ଆମେ ରାଜସ୍ଥାନ ରୟାଲ୍ସରୁ ଜୁବିନଙ୍କୁ ଡାକିଲୁ। ସେ କ୍ରିକେଟରଙ୍କ ସହ ୬ ଦିନିଆ କର୍ମଶାଳାରେ କାମ କରିଥିଲେ। ମୁଁ ଆଶା କରୁଛି ଖେଳାଳିମାନେ ବହୁତ କିଛି ଶିଖିଛନ୍ତି ଅନ୍ତର୍ଜାତୀୟ କ୍ରିକେଟରଙ୍କ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ଜାଣିବା ଗୁରୁତ୍ୱପୂର୍ଣ୍ଣ ଏହା ସହିତ, ସଟ ତିଆରି ମଧ୍ୟ ପ୍ରଭାବଶାଳୀ। ଭାରତ ବିପକ୍ଷ ଟି-୨୦ ସିରିଜ ପାଇଁ ଶ୍ରୀଲଙ୍କା ଚରିଥ ଆସାଲଙ୍କାଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିଛି ଏହି ଦଳରେ ପଥମ ନିସଙ୍କା, କୁସାଲ ପେରେରା ଏବଂ ଅଭିସ୍କା ଫର୍ନାଣ୍ଡୋ ମଧ୍ୟ ଅଛନ୍ତି। ଏହି ଦଳରେ ଦାସୁନ ଶନାକା ଏବଂ ୱାନିନ୍ଦୁ ହାସରାଙ୍ଗା ମଧ୍ୟ ଦଳରେ ସାମିଲ ହୋଇଛନ୍ତି ଶ୍ରୀଲଙ୍କା ଦଳ ପକ୍ଷରୁ କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଯାଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଦଳରେ ଶକ୍ତିଶାଳୀ ଖେଳାଳି ଅଛନ୍ତି। ଶୁଭମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଏବଂ ଅକ୍ଷର ପଟେଲ। ଏହି ଦଳର ଏକ ଅଂଶ ଏହା ସହିତ ରିଙ୍କୁ ସିଂଙ୍କୁ ମଧ୍ୟ ଏକ ସୁଯୋଗ ଦିଆଯାଇଛି। ଟିମ ଇଣ୍ଡିଆରେ ମହମ୍ମଦ ସିରାଜ, କୁଲଦୀପ ଯାଦବ, ଅର୍ଶଦୀପ ସିଂ ଏବଂ ଖଲିଲ ଅହମ୍ମଦ ଅଛନ୍ତି।

# ମହିଳା ଏସିଆ କପ୍ : ଆଜି ଭାରତ-ବାଂଲାଦେଶ ମୁକାବିଲା







କଲମ୍ବୋ: ଭାରତୀୟ ମହିଳା କ୍ରିକେଟ ଦଳ ଶ୍ରୀଲଙ୍କାରେ ଜାରି ରହିଥିବା ଏସିଆ କପ୍-୨୦୨୪ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ଟିମ୍ ଇଣ୍ଡିଆ ଏସିଆ କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ନେପାଳକୁ ୮୨ ରନ୍‌ରେ ପରାସ୍ତ କରି ଭାରତୀୟ ଦଳ ପ୍ରଥମେ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ଦଳ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ୟୁଏଇକୁ ୧୦ ୱିକେଟରେ ପରାସ୍ତ କରି ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ଏବଂ ପାକିସ୍ତାନ ଗ୍ରୁପ୍-ଏରେ ଅଛନ୍ତି।

ଅପରପକ୍ଷରେ ଗ୍ରୁପ୍-ବିରେ ସେମିଫାଇନାଲର ଅବଶିଷ୍ଟ ଦୁଇଟି ଦଳ ହେଉଛନ୍ତି ବାଂଲାଦେଶ ଏବଂ ଶ୍ରୀଲଙ୍କା। ବାଂଲାଦେଶ ମାଲେସିଆକୁ ୧୧୪ ରନ୍‌ରେ ପରାଜିତ କରି ସେମିଫାଇନାଲରେ ପହଞ୍ଚିଛି। ସେହିପରି ଶ୍ରୀଲଙ୍କା ଥାଇଲ୍ୟାଣ୍ଡ ମଧ୍ୟରେ ଏକ ମ୍ୟାଚ୍ ଚାଲିଛି। ତେବେ ଥାଇଲାଣ୍ଡ ଏହି ମ୍ୟାଚ ଜିତିଲେ ମଧ୍ୟ ଶ୍ରୀଲଙ୍କା ରନ୍ ରେଟ୍ ଅନୁସାରେ ଶୀର୍ଷରେ ଥିବାରୁ ସେମିଫାଇନାଲ ଖେଳିବା ନିଶ୍ଚିତ।

ଗ୍ରୁପ୍-ଏର ଶୀର୍ଷରେ ଥିବା ଟିମ୍ ଇଣ୍ଡିଆ ସହିତ ଗ୍ରୁପ୍-ବିର ଦ୍ୱିତୀୟ ସ୍ଥାନରେ ଥିବାର ବାଂଲାଦେଶ ମଧ୍ୟରେ ସେମିଫାଇନାଲ ହେବ। ଏହି ମ୍ୟାଚ୍ ଆସନ୍ତାକାଲି ଦାମ୍ବୁଲାରେ ଅପରାହ୍ନ ୪ଟାରେ ହେବ। ସେହିପରି ଗ୍ରୁପ୍-ଏର ଦ୍ୱିତୀୟ ସ୍ଥାନରେ ଥିବା ପାକିସ୍ତାନ ସହିତ ଗ୍ରୁପ୍-ବିର ଶୀର୍ଷରେ ଥିବା ଶ୍ରୀଲଙ୍କା ସେମିଫାଇନାଲରେ ପରସ୍ପରକୁ ଦାମ୍ବୁଲାରେ ରାତି ସାଢ଼େ ୮ଟାରେ ଭେଟିବେ।

# ପଞ୍ଜାବ କିଙ୍ଗସ୍‌କୁ ଯାଇପାରନ୍ତି ଗିଲ୍

**ନୂଆଦିଲ୍ଲୀ, ୨୪।୭(ଏଜେନ୍ସି):** ଆଇପିଏଲ୍ ୨୦୨୫ରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଅନେକ ମାସ ଥିଲେ ହେଁ ଏବେଠାରୁ କିଛି ଖେଳାଳିଙ୍କ ଦଳଡିଆଁ ଖବର ସାମ୍ନାକୁ ଆସୁଛି। ଏସବୁ ନାମରେ ଶୁଭମନ ଗିଲଙ୍କ ନାମ ଯୋଡ଼ି ହୋଇଛ। ସେ ପଞ୍ଜାବ କିଙ୍ଗ୍ସ ଯାଇପାରନ୍ତି ବୋଲି ଚର୍ଚ୍ଚା ବଢ଼ିବାରେ ଲାଗିଛି। ଯଦି ଏହା ହୁଏ ତେବେ ଆଇପିଏଲ୍ ପୂର୍ବରୁ ଗୁଜରାଟକୁ ଆଉ ଏକ ବଡ ଝଟ୍‌କା ଲାଗିପାରେ ଗୁଜରାଟ କୋଚ୍ ଆଶିଷ ନେହେରା ପୂର୍ବରୁ ଦଳ ଛାଡ଼ିବେ ବୋଲି ସ୍ପଷ୍ଟ ହୋଇଛି। ଏବେ ଗିଲଙ୍କୁ ନେଇ ସେଭଳି କିଛି ଅନୁମାନ କରାଯାଉଛି।

ଆପଣ ଭାବୁଥିବେ ଚର୍ଚ୍ଚା ପଛର କାରଣ କଣ। ତେବେ ପଞ୍ଜାବ କିଙ୍ଗ୍ସର କୋ-ଓନର ପ୍ରୀତି ଜିଣ୍ଟାଙ୍କ ସହ ଗିଲଙ୍କ ଭିଡିଓ ସାମ୍ନାକୁ ଆସିଛି। ସେଥିରେ ସେ ବ୍ୟାଟ୍ ବୁଲାଉଥିବା ଦେଖାଯାଉଛି। ଭିଡିଓକୁ ପ୍ରୀତି ନିଜର ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଖୁବ୍‌ଶୀଘ୍ର ସେ ଏଥିନେଇ ସମସ୍ତଙ୍କ ସହ ସୂଚନା ବାଣ୍ଟିବେ ବୋଲି କହିଛନ୍ତି।

ତେବେ ଭିଡିଓଟି ପ୍ରୀତିଙ୍କ ଏକ ପ୍ରୋଜେକ୍ଟର, ଯେଉଁଥିରେ ସେ ଗିଲଙ୍କ ସହ କାମ କରୁଛନ୍ତି। ଏହି ପ୍ରୋଜେକ୍ଟରେ କ୍ରିକେଟ ଏବଂ ଫିଟ୍‌ନେସର ମିଶ୍ରଣ ଦେଖିବାକୁ ମିଳିବ। ଏଣୁ କଣ ଏହି ପ୍ରୋଜେକ୍ଟ ଭଳି ପ୍ରୀତିଙ୍କ ପଞ୍ଜାବଙ୍କୁ ଗିଲ୍ ଚାଲିଯିବେ ବୋଲି କୁହାଯାଉଛି। କହିରଖୁଛୁ, ଗିଲ୍ ଏବେ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ଅଧିନାୟକ ଅଛନ୍ତି। ତାଙ୍କୁ ଫ୍ରାଞ୍ଚାଇଜ ଆଇପିଏଲ୍ ୨୦୨୪ ସମୟରେ ଅଧିନାୟକ କରିଥିଲା। ଗିଲଙ୍କ ଅଧିନାୟକତ୍ୱରେ ଗୁଜରାଟ ଆଇପିଏଲ୍‌ର ଗ୍ରୁପ୍ ଷ୍ଟେଜ୍ ଖେଳି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା।

# ନୀତା ଅମ୍ବାନୀଙ୍କୁ ଗୁରୁଦାୟିତ୍ୱ

ପ୍ୟାରିସ, ୨୫।୭: ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଘାଟନୀ ପୂର୍ବରୁ ଏଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୪୨ତମ ଅଧିବେଶନରେ ଭାରତର ଅଗ୍ରଣୀ ଫିଲାନ୍‌ଥ୍ରୋପିଷ୍ଟ ତଥା ରିଲାଏନ୍ସ ଫାଉଣ୍ଡେଶନର



ପ୍ରତିଷ୍ଠାତା ନୀତା ଅମ୍ବାନୀ ପୁନର୍ବାର ସର୍ବସମ୍ମତିକ୍ରମେ ଆଇଓସି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ନୀତା ପ୍ରଥମେ ୨୦୧୬ରେ ପ୍ରଥମ ଭାରତୀୟ ମହିଳା ଭାବେ ଆଇଓସିରେ ଯୋଗଦାନ କରିଥିଲେ।

# ଅଲିମ୍ପିକ୍ସରୁ ଓହରିଲେ ବିଶ୍ୱର ନମ୍ବର-୧ ଟେନିସ୍ ଖେଳାଳି

ନୂଆଦିଲ୍ଲୀ, ୨୫।୭: ବିଶ୍ୱ ନମ୍ବର ୱାନ ଟେନିସ ଖେଳାଳି ୟାନିକ ସିନର୍ ପ୍ୟାରିସ ଅଲିମ୍ପିକ୍ସରୁ ଓହରି ଯାଇଛନ୍ତି। ଗଳା ସଂକ୍ରମଣ (ଟନ୍‌ସିଲ) ହେତୁ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ଏହି ୨୨ ବର୍ଷୀୟ ଇଟାଲୀୟ ଖେଳାଳି ସୋସିଆଲ ମିଡିଆରେ ଲେଖିଛନ୍ତି, ଅଲିମ୍ପିକ ଗେମ୍ସରେ ଭାଗ ନ ନେବାକୁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି।



ଜାନୁଆରୀରେ ଅଷ୍ଟ୍ରେଲିୟ ଓପନ ସହିତ ତାଙ୍କର ପ୍ରଥମ ଗ୍ରାଣ୍ଡ ସ୍ଲାମ ଟାଇଟଲ ଜିତିଥିବା ସିନର୍ ଗତ ମାସରେ ଫ୍ରେଞ୍ଚ ଓପନର ସେମିଫାଇନାଲରେ ପ୍ରବେଶ କରି ଏଟିପି ର୍‍ୟାଙ୍କିଙ୍ଗରେ ବିଶ୍ୱର ଏକ ନମ୍ବର ଖେଳାଳି ହୋଇଥିଲେ।

ସିନର ଇଟାଲୀରେ ଲେଖିଛନ୍ତି, ଅଲିମ୍ପିକ୍ସକୁ ବାଦ୍ ପଡ଼ିବା ଏକ ବଡ଼ ନିରାଶାଜନକ କାରଣ। ଏହି ସିଜିନ୍‌ରେ ଏହା ମୋର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ମୋ ଦେଶକୁ ପ୍ରତିନିଧି କରିବାର ସମ୍ମାନରୁ ବଞ୍ଚିତ ହୋଇଛି।

# ରୋହିତ ବିଶ୍ୱକପ ଖେଳିବା ଉଚିତ ନୁହେଁ : ଶ୍ରୀକାନ୍ତ

**ନୂଆଦିଲ୍ଲୀ, ୨୪।୭(ଏଜେନ୍ସି):** ଟିମ୍ ଇଣ୍ଡିଆର ନୂଆ ହେଡ୍ କୋଚ୍ ଗୌତମ ଗମ୍ଭୀର ନିକଟରେ ରୋହିତ ଶର୍ମା



ଏବଂ ବିରାଟ କୋହଲିଙ୍କୁ ନେଇ ଏଭଳି କଥା କହିଥିଲେ, ଯାହାକୁ ନେଇ ପ୍ରଶଂସକ ଖୁସି ହୋଇଯାଇଥିଲେ। ଯେତେବେଳ ଯାଏ ଉଭୟ ଚାହିଁବେ। ଦିନିକିଆ ଖେଳିପାରିବେ ଯଦି ସେମାନେ ଫିଟ୍ ରହିଲେ। ତେବେ ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳୁଥିବା ନଜର ଆସିବେ ବୋଲି ଗମ୍ଭୀର କହିଥିଲେ। ହେଲେ ଏହି ମନ୍ତବ୍ୟକୁ ନେଇ ପୂର୍ବତନ କ୍ରିକେଟର କୃଷ୍ଣମାଚାରୀ ଶ୍ରୀକାନ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏକ ୟୁଟ୍ୟୁବ୍ ଲାଇଭ୍‌ରେ ରୋହିତ ଶର୍ମାଙ୍କ ଫିଟ୍‌ନେସ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏପରିକି ରୋହିତଙ୍କୁ ୨୦୨୭ ବିଶ୍ୱକପ୍ ଖେଳିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ଶ୍ରୀକାନ୍ତ ପୁଅ ଅନିରୁଦ୍ଧଙ୍କ ସହ ଆଲୋଚନା ବେଳେ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ବିରାଟ କୋହଲି ଜଣେ ଚାମ୍ପିଅନ ଖେଳାଳି। ରୋହିତଙ୍କୁ ୨୦୨୭ ବିଶ୍ୱକପ୍ ଖେଳିବା ଉଚିତ ନୁହେଁ। ସେ ଦକ୍ଷିଣ ଆଫ୍ରିକାରେ ବେହୋସ୍ ହୋଇଯିବେ। ଏହି ବୟାନ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ରୋହିତଙ୍କ ପ୍ରଶଂସକ ତାଙ୍କୁ ଟ୍ରୋଲ କରୁଛନ୍ତି। ତେବେ ପୂର୍ବରୁ ମଧ୍ୟ ରୋହିତଙ୍କୁ ନେଇ ଶ୍ରୀକାନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଆଇପିଏଲ୍ ୨୦୨୪ ସମୟରେ ସେ ରୋହିତଙ୍କୁ ତାଙ୍କ ନାମ ବଦଳାଇ ନୋ ହିଟ୍ ଶର୍ମା ରଖିବାକୁ କହିଥିଲେ। ପରେ ଜବରଦସ୍ତ ପ୍ରଦର୍ଶନ କରି ରୋହିତ ତାଙ୍କ ମୁହଁ ବନ୍ଦ କରିଦେଇଥିଲେ।

# ଅଲିମ୍ପିକ୍ସର ଅତୁଟ ରେକର୍ଡ

ପ୍ୟାରିସ, ୨୬।୭: ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆୟୋଜନ ପାଇଁ ପ୍ୟାରିସ ପ୍ରସ୍ତୁତ। ସିଟି ଅଫ୍ ଲାଇଟ୍ସ ଉପରେ ଏବେ ସମଗ୍ର ବିଶ୍ୱର ନଜର। ଜୁଲାଇ ୨୬ରେ ସିନ୍ ନଦୀରେ ଉଦ୍‌ଘାଟନୀ ସମାରୋହ ସହ ଆରମ୍ଭ ହେବ ଏହି କ୍ରୀଡ଼ା ମହାକୁମ୍ଭ। ଅଗଷ୍ଟ ୧୧ ପର୍ଯ୍ୟନ୍ତ ଆକ୍ସନରେ ଭରପୂର ରହିବ ଆଥଲେଟ୍‌ଙ୍କ କଳାକୌଶଳ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ପ୍ୟାରିସକୁ ସୁରକ୍ଷା କବଚ ମଧ୍ୟରେ ରଖାଯାଇଛି। ୨୦୬ ଦେଶର ୧୦,୭୧୪ ଆଥଲେଟ୍ ୩୨ କ୍ରୀଡ଼ାର ୩୨୯ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପୋଡିୟମ ମଣ୍ଡନ ପାଇଁ ହେବ କଡ଼ା ଟକ୍କର ଭାରତର ୧୧୭ ପ୍ରତିଯୋଗୀ ୧୬ କ୍ରୀଡ଼ାରେ ଭାଗନେବେ।

ରେକର୍ଡ ସୃଷ୍ଟି ହୋଇଥାଏ ଭାଙ୍ଗିବା ପାଇଁ। ତେବେ ଏମିତି କିଛି ରେକର୍ଡ ରହିଛି ଯାହା ଭାଙ୍ଗିବା ଅସମ୍ଭବ। କ୍ରୀଡା ମହାକୁମ୍ଭ ଅଲିମ୍ପିକ୍ସ ୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି। ଏମିତି କିଛି ରେକର୍ଡ ଯାହା ଭାଙ୍ଗିବା ଅସମ୍ଭବ ବା ଅତ୍ୟନ୍ତ କଷ୍ଟକର ତା ଉପରେ ଏକ ନଜର।

ଉସେନ୍ ବୋଲ୍ଟଙ୍କ ଟାଇମିଂ: ଅଲିମ୍ପିକ୍ସ ୧୦୦ ମିଟର ସ୍ପ୍ରିଣ୍ଟରେ ଉସେନ୍ ବୋଲ୍ଟଙ୍କ ନାମରେ ୯.୬୩ ସେକେଣ୍ଡର ରେକର୍ଡ ରହିଛି। କ୍ରୀଡାରେ ସବୁ ସମ୍ଭବ। ତେଣୁ ହୁଏତ ବୋଲ୍ଟଙ୍କ ରେକର୍ଡ ଭାଙ୍ଗି ପାରେ।





ମାତ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବୋଲ୍ଟଙ୍କ ପ୍ରତିଷ୍ଠିତ ରେକର୍ଡର କେହି ପାଖ ବି ମାଡି ପାରି ନାହାନ୍ତି। ଅଲିମ୍ପିକ୍ସର ଦ୍ୱିତୀୟ ସର୍ବଶ୍ରେଷ୍ଠ ୯.୬୯ ସେକେଣ୍ଡର ଟାଇମିଂ ମଧ୍ୟ ବୋଲ୍ଟଙ୍କ ନାମରେ ରହିଛି। ଏପରିକି ୨୦୦୯ରେ ବିଶ୍ୱ ଚାମ୍ପିୟନଶିପରେ ବୋଲ୍ଟ ୯.୫୮ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ବର୍ତ୍ତମାନର କୌଣସି ଆଥଲେଟ ବୋଲ୍ଟଙ୍କ ଟାଇମିଂର ନିକଟତର ନ ଥିବା କାରଣରୁ ଏହି ରେକର୍ଡ ଭାଙ୍ଗିବା ଅସମ୍ଭବ।

**ନାଦିଆଙ୍କ ପର୍ଫେକ୍ଟ ରୁଟିନ୍:** ରୋମାନିଆର ୫ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜିମ୍ନାଷ୍ଟ ନାଦିଆ କୋମାନେସିଙ୍କ ପର୍ଫେକ୍ଟ ୧୦ ସ୍କୋର ରେକର୍ଡ ଭାଙ୍ଗିବା ମଧ୍ୟ ଅସମ୍ଭବ। ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ନାଦିଆ ପର୍ଫେକ୍ଟ ୧୦ ସ୍କୋର କରିଥିଲେ। ୨୦୦୬ରେ ଅଲିମ୍ପିକ୍ସ ନିୟମରେ ପରିବର୍ତ୍ତନ ସହିତ କୌଣସି ଖେଳାଳି ଆଉ ପର୍ଫେକ୍ଟ ୧୦ ସ୍କୋର କରିବା ଅସମ୍ଭବ।

**ସର୍ବାଧିକ ଅଂଶଗ୍ରହଣ:** ଅଲିମ୍ପିକ୍ସରେ ସର୍ବାଧିକ ଥର ଅଂଶଗ୍ରହଣ କରିବାର ରେକର୍ଡ କାନାଡାର ଇଆନ୍ ମିଲରଙ୍କ ନାମରେ ରହିଛି। ଇକ୍ୱେଷ୍ଟିଆନ୍ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ମିଲର ୧୯୭୨ରୁ ୨୦୧୨ ମଧ୍ୟରେ ୧୦ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲୀୟ ସେଲର ହ୍ୟୁବର୍ଟ ରାଉଡ୍‌ସ୍କଲ, ଲାଟଭିଆ। ଶୁଟର ଆଫାନସିଜସ କୁଜମିନ୍ସ ଓ ସୋଭିଏଟ ଶୁଟର ନାନୋ ଶାଲକୁଭେଜ୍ ୮ ଥର ଲେଖାଏ ଭାଗ ନେଇଛନ୍ତି।

**କ୍ରମାଗତ ସ୍ୱର୍ଣ୍ଣ ପଦକ:** କ୍ରମାଗତ ୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସହ ଏହି ରେକର୍ଡ ନିଜ ନାମରେ ରଖିଛନ୍ତି ହଙ୍ଗେରୀଆନ ଫେନ୍ସର ଆଲାଡାର ଜେରେଭିଚ୍। ୧୯୩୨ରୁ ୧୯୬୦ ମଧ୍ୟରେ ସେ ଏହି ସଫଳତା ହାସଲ କରିଥିଲେ। ଏପରିକି ଏହା ମଧ୍ୟରେ ୨ ଥର ଅଲିମ୍ପିକ୍ସ ଗେମ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ବାତିଲ ହୋଇଥିଲା। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବ୍ରିଟିଶ ରୋୟର ସାର ଷ୍ଟିଭ୍ ରେଡଗ୍ରେଭ୍ ଷ୍ଟିଭ୍ ୧୯୮୪ ରୁ ୨୦୦ ମସିହା ମଧ୍ୟରେ କ୍ରମାଗତ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ଫେଲପ୍ସଙ୍କ ପଦକ:** ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲପ୍ସଙ୍କ ପଦକ ସଂଖ୍ୟାର ରେକର୍ଡ ଭାଙ୍ଗିବା ଅସମ୍ଭବ। ଫେଲପ୍ସ ୨୩ ସ୍ୱର୍ଣ୍ଣ ପଦକ ସହ ମୋଟ ୨୮ ପଦକ ହାସଲ କରିଛନ୍ତି। ଉଭୟ ସ୍ୱର୍ଣ୍ଣ ପଦକ ତଥା ଓଭରଅଲ ପଦକ ତାଲିକାରେ କୌଣସି ବି ଆଥଲେଟ ତାଙ୍କର ନିକଟତର ହେବା ଅସମ୍ଭବ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ସାମାଜିକ...

ଭିତ୍ତିଭୂମିକୁ ସେମାନଙ୍କ ଯାତାୟତ ଅନୁକୂଳ କରାଇବା ପାଇଁ ୧୦କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ନିଶାମୁକ୍ତି କାର୍ଯ୍ୟକ୍ରମ ପାଇଁ ୨୦କୋଟି ଟଙ୍କା ଆବଂଟନ ପାଇଁ ପ୍ରସ୍ତାବ ରହିଛି । ନିଶାଦ୍ରବ୍ୟ ନିରାକରଣ ହାସଲ କରିଥିବା ପ୍ରତି ବ୍ଲକକୁ ଦିଆଯିବ ୧୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି । ଓଡ଼ିଶାରେ ସାଧାରଣ ବଂଟନ ବ୍ୟବସ୍ଥା ରାଜ୍ୟର ୮୦ପ୍ରତିଶତ ଲୋକଙ୍କ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇପାରିଛି ।ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୨ଲକ୍ଷରୁ ଅଧିକ ପରିବାର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୩ଲକ୍ଷରୁ ଅଧିକ ପରିବାର ସାମିଲ ହୋଇଛନ୍ତି । ୧୧ହଜାର ୯ଶହ ୩୪ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ପ୍ରାୟ ୨୩ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ବିନାମୂଲ୍ୟରେ ବଂଟନ କରାଯାଉଛି । ଖାଦ୍ୟ ସଂରକ୍ଷଣ ଗୋଦାମ ଓ ସୁଲଭ ମୂଲ୍ୟ ଦୋକାନ ଗୁଡିକର ଅଟୋମେସନ ସାଧାରଣ ବଂଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଅଣାଯିବ।

### ସମୃଦ୍ଧ...

୧୯୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିପରି କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ଚଳିତ ବଜେଟରେ ମୋଟ ୩୩୯୧୯କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଯାହାକି ଗତ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୩୬% ପ୍ରତିଶତ ଅଧିକ। ମୋହନ ସରକାର ଓଡ଼ିଶାରେ ଉଭୟ ପିଏମ୍ କିଷାନ ସହ ସିଏମ କିଷାନ(କାଳିଆର ପରିବର୍ତ୍ତିତ ନାଁ)କୁ ଲାଗୁ କରିବେ । ଏଥି ସହ କିଛି ନୂଆ। ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଯେଉଁଥିପାଇଁ ୨୦୨୩-୨୪ରେ ୨୪୮୨୯କୋଟି ଟଙ୍କାର ବଜେଟ ପରିମାଣକୁ ଏଥର ୩୬% ବୃଦ୍ଧି କରାଯାଇଛି।

### ନାରୀ ଶକ୍ତିକୁ...

ଅଧୀନରେ ୨ଶହ ୯୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଅଙ୍ଗନବାଡି କେନ୍ଦ୍ରରେ ନାମ ଲେଖାଇଥିବା ୧୮ଲକ୍ଷ ପ୍ରାକ୍ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କୁ ୟୁନିଫର୍ମ ବଂଟନ କରାଯିବ । ଏଥିପାଇଁ ୯୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ରାଜ୍ୟର ୧୯ଲକ୍ଷ ମହିଳା,କିଶୋରୀ ଓ ଶିଶୁ ହିତାଧିକାରୀଙ୍କ ପୋଷଣ ସ୍ଥିତିରେ ପରିବର୍ତ୍ତନ ପାଇଁ ୫ଶହ ୫୪ କୋଟି ବ୍ୟୟବରାଦ କରାଯାଇଛି । ଅନାଥ ଶିଶୁମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଆରମ୍ଭ ହେବ ଯଶୋଦା ଯୋଜନା । ଏଥିପାଇଁ ୮୩ କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧୫ଶହ ଗ୍ରାମ ପଂଚାୟତକୁ ଆଦର୍ଶ ଶିଶୁ ସମୃଦ୍ଧ ଗ୍ରାମ ପୁରସ୍କାର ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷରେ ପୂରଣ ହେବ ଖାଲିପଡିଥିବା ଅଙ୍ଗନକର୍ମୀଙ୍କ ପଦବୀ । ୫ହଜାର ୬ଶହ ୯୮ଟି ଅଙ୍ଗନବାଡି କେନ୍ଦ୍ରକୁ ସମୃଦ୍ଧ ଅଙ୍ଗନବାଡି କେନ୍ଦ୍ର ଭାବେ ଉନ୍ନୀତ କରାଯିବ । ୩୬ କୋଟି ଟଙ୍କା ବିନିଯୋଗରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ ।

### ବଦଳିଲା...

ନାମ ଲେଖାଇଥିବା ପ୍ରତ୍ୟେକ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ବଜେଟ ଆକଳନ ୨୦୨୪-୨୫ରେ ଏହି ଯୋଜନା ଅଧୀନରେ ୧୫୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏତଦ୍ ବ୍ୟତୀତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି,ଅନ୍ୟାନ୍ୟ ପଛୁଆ ବର୍ଗ ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ଚଳିତ ବର୍ଷ ବଜେଟରେ ୧୧୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସେହିଭଳି ଓଡ଼ିଶା ସରକାର ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଚଳନ କରିଛନ୍ତି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ପାଣ୍ଠି ସହାୟତାରେ ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ବିକାଶ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱୀକୃତି, ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରିବା ସହ ବହୁବିଭାଗୀୟ ପାଠ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯିବ। ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଏକାଡେମିକ, ପ୍ରଶାସନିକ, ପାଠାଗାର, ଛାତ୍ରାବାସ କୋଠା ନିର୍ମାଣ ପାଇଁ ୩୨୫ କୋଟି ଟଙ୍କାର ବ୍ୟୟ ବରାଦ ରଖିଛନ୍ତି। ସରକାର ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ-ବିଶ୍ୱବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ସେହିପରି ଓଡ଼ିଆ ଉତମ ଛାତ୍ରବୃତ୍ତି ଯୋଜନା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା, ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି।

### ୨୦୨୭...

ଉପରେ ସେତୁ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଡ଼କ ଓ ସେତୁ ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୫୮୬୫ କୋଟିର ବ୍ୟୟବରାଦ କରାଯାଇଛି ।

ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ବ୍ୟୟବରାଦକୁ ୨୬ ପ୍ରତିଶତ ବୃଦ୍ଧି କରି ୯୪୫୬ କୋଟି ଟଙ୍କା କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୯୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

### ବିଏସକେୱାଇ...

୬୦ ପ୍ରତିଶତ ପାଣ୍ଠି ପ୍ରଦାନ କରିବେ। ଯାହା ଫଳରେ ରାଜ୍ୟ ରାଜକୋଷ ଉପରେ ବୋଝ କମିବ। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଲୋକମାନେ ଦେଶର ସମସ୍ତ ରାଜ୍ୟର ୨୭ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରିବେ। ଏହା ବିଶେଷ କରି ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ଆଶ୍ୱସ୍ତି ପ୍ରଦାନ କରିବ।

ସରକାର ସମସ୍ତଙ୍କୁ ମାଗଣାରେ ସାର୍ବଜନୀନ ବ୍ୟାପକ ଚକ୍ଷୁ ଯତ୍ନସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମୋତିଆ ବିନ୍ଦୁ, ଗ୍ଲୁକୋମା ଓ କର୍ଣ୍ଣିଆ ଚିକିତ୍ସା ମିଳିପାରିବ। ଏହି ଯୋଜନାରେ ୪୫ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ଯୋଜନା ଅଧୀନରେ ବଜେଟରେ ୨,୪୬୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।ଏହା ବ୍ୟତୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ଆମ ହସ୍ପିଟାଲ ଅଧୀନରେ ୧,୩୧୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଚଳିତ ବର୍ଷରେ ଯାଜପୁରରେ ଯଯାତିକେଶରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବାର ଯୋଜନା ରହିଛି।୨୦୨୫-୨୬ ସୁଦ୍ଧା ଫୁଲବାଣୀ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ୨୦୨୬-୨୭ ସୁଦ୍ଧା ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ୭ଟି ନୂତନ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**